


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧





# ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପାରାଦୀପର ୩୧ ଜଣ ଛାତ୍ରୀମାନଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍'




ପାରାଦୀପ, ୦୯/୧୧ (ନି.ପ୍ର): ଏଏମ୍/ଏନ୍ ଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍‌ଆର୍ ପ୍ରକଳ୍ପ ବେଟି ପଢ଼ାଓ ସ୍କଲାରସିପର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଆକାଂକ୍ଷା ପୂରଣ କରିବା ପାଇଁ ବୃତ୍ତି ପ୍ରଦାନ କରି ଶିକ୍ଷା ଅର୍ଥର ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟରେ ପାରାଦୀପ ପୋର୍ଟ କ୍ଲବରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି, ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପାରାଦୀପ ଅଞ୍ଚଳର ୩୧ ଜଣ ଛାତ୍ରୀମାନଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଏମ୍/ଏନ୍ ଏସ୍ ଇଣ୍ଡିଆର ଓଡ଼ିଶା ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜୀବ ଭଟ୍ଟନାଗର, ଏଏମ୍/ଏନ୍ ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ଏଏମ୍/ଏନ୍ ଏସ୍ ଇଣ୍ଡିଆର ବ୍ରାଉନ୍ ଫିଲ୍ଡ ପ୍ରୋଜେକ୍ଟସ୍ ମୁଖ୍ୟ ଅରୁଣ ରଥ ଓ ଏଏମ୍/ଏନ୍ ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦବେନ୍ଦୁ ପ୍ରମୁଖ ଉପସ୍ଥିତ ବିଶ୍ୱର ଦୁଇ ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) କନ୍ୟା ସନ୍ତାନର ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ସହିତ ଏହି ପଦକ୍ଷେପ ଯୋଡ଼ି ହୋଇଛି । ନବମ ଶ୍ରେଣୀ ଛାତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ, ବୃତ୍ତିଗତ ପାଠ୍ୟକ୍ରମ ରେ ପଢୁଥିବା ଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଏଏମ୍/ଏନ୍ ଏସ୍ ଇଣ୍ଡିଆ ଓଡ଼ିଶା, ଗୁଜରାଟ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରର ଯୁବତୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରୁଛି । ଏହି ଅବସରରେ ଥିଲେ । ଏଏମ୍/ଏନଏସ ଇଣ୍ଡିଆ ଛାତ୍ରବୃତ୍ତି ସଂଗ୍ରହ ପାଇଁ ପ୍ରୋଟିଆନ ଇଗଭ ଟେକ୍ନୋଲୋଜି ସହ ଭାଗିଦାରୀ କରିଛି । କର୍ପୋରେଟ୍ ସ୍କଲାରସିପ୍ ମ୍ୟାନେଜମେଣ୍ଟ ପ୍ଲାଟଫର୍ମ ପ୍ରୋଟିଆନ୍ ବିଦ୍ୟାସାରଥୀ ଏଏମ୍/ଏନ୍ ଏସ୍ ଇଣ୍ଡିଆ ସ୍କଲାରସିପ୍ ର ଆବେଦନ, ବୈଧତା, ଆବଣ୍ଟନ ଏବଂ ପାଣ୍ଠି ବିତରଣ ସମେତ ସମ୍ପୂର୍ଣ୍ଣ ସ୍କଲାରସିପ୍ ଜୀବନଚକ୍ର ପରିଚାଳନା କରିଛି । ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଏହି ପଦକ୍ଷେପକୁ ପ୍ରଶଂସା କରି ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା କହିଛନ୍ତି, "୩୧ ଜଣ ଛାତ୍ରୀମାନଙ୍କୁ ସ୍କଲାରସିପ୍ ପ୍ରଦାନ କରିଥିବା ଏହି ପଦକ୍ଷେପକୁ ମୁଁ ସ୍ୱାଗତ କରୁଛି.". । କମ୍ପାନୀ ପକ୍ଷରୁ ଏହି ବେଟି ପଢ଼ାଓ ପଦକ୍ଷେପ ଦ୍ୱାରା ସ୍ଥାନୀୟ ଲୋକମାନେ ଉପକୃତ ହେବେ । ଏହି ଅବସରରେ ଏଏମ୍/ଏନ୍ ଏସ୍ ଇଣ୍ଡିଆର ଓଡ଼ିଶା ପ୍ରୋଜେକ୍ଟସ୍ ଇଡି, ରାଜୀବ ଭଟ୍ଟନାଗର କହିଲେ, " ମହିଳାମାନଙ୍କୁ ସଶକ୍ତିକରଣ କରିବା ପାଇଁ 'ବେଟି ପଢ଼ାଓ ସ୍କଲାରସିପ୍' ହେଉଛି ଆମର ନମ୍ର ପ୍ରୟାସ ଏବଂ ଏହି ଅଞ୍ଚଳର ଯୁବତୀମାନଙ୍କ ପାଇଁ ସେମାନଙ୍କ ଶିକ୍ଷାଗତ ଅଭିଳାଷକୁ ପୂରଣ କରିବାରେ ଏହା ଏକ ସହାୟକ ହେବ । ଆମ ସମ୍ପ୍ରଦାୟ ଏବଂ ସମାଜର ସମସ୍ତ ବର୍ଗର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଏଭଳି ଅନେକ ହସ୍ତକ୍ଷେପ ଆଣିବୁ । "

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନ, ୦୯/୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଜିଲ୍ଲାର ୮ଟି ବ୍ଲକରେ ସମସ୍ତ ୨୧୨ ଟି ପଂଚାୟତରେ ୩ ହଜାର ୫୩ଟି ପ୍ରକଳ୍ପ ପାଇଁ ପ୍ରତି ପଂଚାୟତରେ ୫୦ ଲକ୍ଷ ଲେଖାଏଁ ମୋଟ ୧୦୬ କୋଟି ଟଙ୍କାର ଅନୁଦାନ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମଞ୍ଜୁର କରିଛନ୍ତି । ଗାଁର ବିକାଶ ଶସକ୍ତ ଓଡିଶାର ପ୍ରତିଛବି । ପ୍ରତେକ ଗାଁରେ ସଂସ୍କୃତିର ସୁରକ୍ଷା ଦିଗରେ କାର୍ଯ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଭୁବନ ମିନି ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ । ଜିଲ୍ଲାର ସମସ୍ତ ୨୧୨ ଟି ଗ୍ରାମ ପଂଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ସେ ବେଶ୍ ଖୁସି ବୋଲି କହିଥିଲେ । ଶାନ୍ତି, ମୈତ୍ରୀ, ଭାଇଚାରା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଆମ ଓଡିଶା ନବୀନ ଓଡ଼ିଶା ମାଧ୍ୟମରେ ସଂସ୍କୃତି ସୁରକ୍ଷା ଉପରେ ଜୋର ଦିଆଯାଇଛି । ସମସ୍ତଙ୍କ ଉନ୍ନତି, ସମସ୍ତଙ୍କ ବିକାଶ ଲକ୍ଷ ରହିଛି । ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ହେବ, ପ୍ରାଥମିକ ସ୍କୁଲ, ବ୍ୟାଙ୍କ ସେବା, ଖେଳ ପଡିଆ ମିଳିବ । ମଞ୍ଜୁର ହୋଇଥିବା ଅନୁଦାନ ସ୍ୱଚ୍ଛତାର ସହ ଖର୍ଚ୍ଚ ହେବା ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । କାମାକ୍ଷା ନଗର ନିର୍ବାଚନ ମଣ୍ଡଳୀରେ ୧୫ ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ୬ ଟି ସେତୁ ନିର୍ମାଣ ପାଇଁ ୨୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏକତାଳି ଠାରେ ମିନି ଷ୍ଟାଡିୟମ ଓ ପାଠାଗାର ପାଇଁ ୪.୨୯ କୋଟି ମଞ୍ଜୁର କରାଯାଇଛି । ଏହା ସହିତ ୪ ଟି କଲେଜ, ୨ ଟି ହାୟର ସେକେଣ୍ଡାରୀ ସ୍କୁଲ ଓ ୨ ଟି ଭିତିଭୂମି ପ୍ରକଳ୍ପ ରହିଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ବି ଡି ଓ କଲ୍ୟାଣ ସୌରଭ ଦାଶ ଏବଂ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଏବଂ ଦ'ଆମ ଓଡିଶା ନବୀନ ଓଡିଶାର ଅଧ୍ୟକ୍ଷ ଶ୍ରୀ ଭି. କେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ । ଏଥିରେ ଜଗନ୍ନାଥ ସଂସ୍କୃତିର ଉନ୍ନତି ସହ ଖେଳପଡିଆ, ଭାଗବତଟୁଙ୍ଗୀ, ପ୍ରାଥମିକ ବିଦ୍ୟାଳୟର ଉନ୍ନତି କରାଯିବ । ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ସମେତ ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଆମ୍ମା ଅଧ୍ୟକ୍ଷ ସୁଧାକର ସାହୁ, ପୂର୍ବତନ ସମିତି ସଭ୍ୟ ଅମୂଲ୍ୟ ଦ୍ୱିବେଦୀ, ବିଜେଡି ନେତା ରାକେଶ ଆଇଚ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ସମସ୍ତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଙ୍କ ସମେତ ପ୍ରାୟ ୫ ହଜାର ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ ।

# ନୀଳଗିରି ବନବିଭାଗ ଦ୍ୱାରା କାଠକଟା ଯନ୍ତ୍ରାଂଶ ସହ କାଠ ଜବତ



ନୀଳଗିରି , ୦୯/୧୧ (ନି.ପ୍ର): ଗୋଟିଏ ଚଳନଯୋଗ୍ୟ ଯନ୍ତ୍ରାଂଶ ଯାହା ପୁରୁଣା ଟାଟା ଏସି ଗାଡିରେ ଫିଟିଙ୍ଗ ହୋଇ ଥିବା ସମୟରେ ମାଟିଆଳି ବିଟ ସଜନଗଡ ସେକ୍‌ଶନ, ନୀଳଗିରି ରେଞ୍ଜ ଅଧୀନ ଗୁଡିବଣିଆ ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଚଢଉ କରାଯାଇ ଜବଦ କରାଯାଇଛି । ଏହି ଚଢଉରେ ରେଞ୍ଜର ଆଇଶା ଏ. ନିଶା, ସଜନାଗଡ ଫରେଷ୍ଟର ସରୋଜ କୁମାର ପ୍ରଧାନ, ମାଟିଆଳୀ ଫରେଷ୍ଟ ଗାର୍ଡ ପ୍ରତିମା ସ, ଫରେଷ୍ଟ ଗାର୍ଡ ମିତ୍ରପୁର ମନୋରଞ୍ଜନ ସିଂ, ଫରେଷ୍ଟ ଗାର୍ଡ ସଜନାଗଡ ଆୟୁଷ୍ମାନ ପଣ୍ଡା ଓ ସବୁଜ ବାହିନୀ ସଦସ୍ୟମାନେ ସାମିଲ ଥିଲେ । ଏହି ଚଢଉରେ ବେଆଇନ କରତ କଳର ଯନ୍ତ୍ରାଂଶ ସହ ନିମ୍ବ, ଆକାଶିଆ କାଠଗଣ୍ଡି ଜବଦ ହୋଇଛି । ଡ୍ରାଇଭର ଫେରାର ଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି ।

# ମାଲ୍ୟବନ୍ତ ମହୋତ୍ସବ-୨୦୨୩ ପ୍ରସ୍ତୁତି ବୈଠକ

## ଡିସେମ୍ବର ୧୫,୧୬ ଓ ୧୭ରେ ହେବ ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି, ୦୯/୧୧ (ନି.ପ୍ର): ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବ-୨୦୨୩ ଆୟୋଜନ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରତ୍ନାକର ସାହୁ ଓ ଉପ ଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ମଂଚାସୀନ ଥିଲେ ।
ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବ ଯେଉଁଭଳି ଶାନ୍ତି ଶୃଙ୍ଖଳା ଏବଂ ସୁନ୍ଦର ଭାବେ ହେବ ସେନେଇ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଭଳି ଭାବେ କିଛି ଅଘଟଣ ନ ଘଟିବ ସେଥି ନିମନ୍ତେ ମଧ୍ୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଚଳିତ ବର୍ଷ ସ୍ଥାନୀୟ କ୍ରୀଡା ଷ୍ଟାଡିୟମ ପରିସରରେ ଡ଼ିସେମ୍ବର ୧୫, ୧୬ ଓ ୧୭ ରେ ମୁଖ୍ୟ ମାଲ୍ୟବନ୍ତ ମହୋତ୍ସବ ଓ ୧୮ ଏବଂ ୧୯ ଡ଼ିସେମ୍ବରରେ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି । ସେହିପରି ମାଲକାନଗିରି ଯଦୁଗୁଡା ସ୍ଥିତ ଶୈବ ପୀଠରୁ ନଭେମ୍ବର ୨୮ ରେ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଉଦ୍ଘାଟନ ହେବ । ଡ଼ିସେମ୍ବର ୧ ରେ ବ୍ଲକ ସ୍ତରୀୟ ମହୋତ୍ସବ ପାଳନ ହେବ । ସେହିପରି ଜିଲ୍ଲାରେ ବସବାସ କରୁଥିବା ୧୪ ଟି ଜନଜାତିଙ୍କ ପାରମ୍ପରିକ ଲୋକ କଳାକୁ ନେଇ ମଧ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିଗତ ବର୍ଷ ଭଳି ବାହାର ରାଜ୍ୟ ଏବଂ ବିଭିନ୍ନ ଜିଲ୍ଲାର ପ୍ରଖ୍ୟାତ ଲୋକ କଳା ଦଳଙ୍କୁ ଆମନ୍ତ୍ରଣ କରାଯିବ । ତା ସହିତ ପଲ୍ଲୀଶ୍ରୀ ମେଳା, ମାରାଥନ୍, ଫୁଟବଲ, ଭଲିବଲ୍ ଓ ଚିତ୍ରକୋଣ୍ଡାରେ ଘୋଡା ଦୌଡ ପ୍ରତିଯୋଗୀତା ଆୟୋଜନ କରାଯିବ ବୋଲି ମଧ୍ୟ ନିଷ୍ପତି ହୋଇଛି । ସେହିପରି ବିଗତ ବର୍ଷ ଭଳି ବିଭିନ୍ନ କମିଟିକୁ ଅନୁରୂପ ଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ କୁହାଯାଇଛି ।

# ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ସାହୁଙ୍କ ପରଲୋକ



ବାଲିଆପାଳ , ୦୯/୧୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ସାହୁଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇ ଥିଲା । ସେ ଦୀର୍ଘ ଦିନ ଧରି ଯକୃତ ସଂକ୍ରମଣ ଓ ଉଚ୍ଚ ରକ୍ତ ଚାପ ରୋଗ ରେ ଆକ୍ରାନ୍ତ ଥିଲେ । ସେ ଦୀର୍ଘ ଦିନ ସମ୍ବାଦ ରେ ସାମ୍ବାଦିକ ଭାବେ କାର୍ଯ୍ୟ କରିବା ପରେ ପ୍ରମେୟ ରେ କାର୍ଯ୍ୟ କରୁଥିଲେ । ପ୍ରାୟେ ଦୁଇ ଦଶନ୍ଧି ଧରି ସେ ସାମ୍ବାଦିକ ଥିଲେ । ଜଣେ ନିର୍ଭୀକ ରାଜ ନେତା ଓ ସାମାଜିକ କର୍ମୀ ମଧ୍ୟ ଥିଲେ । ଆଜି ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ମୃତ୍ୟୁ ରେ ବାଲିଆପାଳ ବ୍ଲକ ସମେତ ସାରା ଜିଲ୍ଲା ରେ ଶୋକ ର ଛାୟା ଖେଳିଯାଇଛି । ଆସନ୍ତା କାଲି ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟ ରେ ଶୋକ ସଭା ଅନୁଷ୍ଠିତ ହେବ ।

# ମହିଳା ବିଜୁ ଜନତା ଦଳର ସଂଗଠନିକ ବୈଠକ

ଜୟପୁର, ୦୯/୧୧ (ନି.ପ୍ର): ଜୟପୁର ବ୍ଲକ ରେ ମହିଳା ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକରେ ଅନୁଷ୍ଠିତ ହେଇଛି । ଆସନ୍ତା ସାଧାରଣ ନିର୍ବାଚନ ବିଜୁ ଜନତା ଦଳ କି ପ୍ରକାର ମଜବୁତ୍ କରିବା ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ପର୍ଯ୍ୟବେକ୍ଷକା ମୀରା ପରିଡ଼ା, କୋରାପୁଟ ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ପୁର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ ପ୍ରମୁଖ ଉପସ୍ଥିତ ରହିଥିଲେ ଏହା ସହିତ ସମସ୍ତ ମହିଳା ପଂଚାୟତର ସଭାପତି ପଦାଧିକାରୀ ଉପସ୍ଥିତ ଥିଲେ ।

# ମୃତ୍ୟୁ ପରେ ଅଙ୍ଗଦାନର ନିଷ୍ପତ୍ତି ନେଇ ପ୍ରଶଂସା ସାଉଁଟିଲେ ସାମ୍ବାଦିକ ପ୍ରବୀଣ ଭଞ୍ଜ

ଖୋର୍ଦ୍ଧା, ୦୯/୧୧ (ନି.ପ୍ର): ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ପ୍ରବୀଣ ଭଞ୍ଜ ସମଗ୍ର ଜିଲ୍ଲାରେ ଜଣେ ସଚୋଟ ଓ ନିର୍ଭୀକ ସାମ୍ବାଦିକ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନେକ ସାମାଜିକ କଲ୍ୟାଣ କାର୍ଯ୍ୟରେ ନିଜକୁ ସଦା ସର୍ବଦା ନିୟୋଜିତ କରି ଆସିଥିବାର ଅନେକ ନଜିର ରହିଛି । କଲେଜ ପଢ଼ା ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ନିଜର ରକ୍ତକୁ ଅନ୍ୟକୁ ଦେଇ ଏହା ଏକ ସେବା ଏବଂ ମୃତ୍ୟୁ ପର୍ଯ୍ୟନ୍ତ ବୋଲି ଏପରି ସେବା କରିବା ପାଇଁ ଭଗବାନ ତାଙ୍କୁ ଶକ୍ତି ଦିଅନ୍ତୁ ବୋଲି କହିଛନ୍ତି । ତେବେ ନିଜର ସମସ୍ତ ଅଙ୍ଗଦାନ କରିବାର ନିଷ୍ପତ୍ତି ନେଇ ପୁଣି ପ୍ରଶଂସା ସାଉଁଟିଛନ୍ତି । ମୃତ୍ୟୁ ପରେ ନିଜ ଶରୀରର କଲିଜା, କିଡନୀ, ହୃତପିଣ୍ଡ, ଫୁସଫୁସ୍, ଅନ୍ତଃନଳୀ ଏବଂ ଆଖି ପରି ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଅନ୍ୟଲୋକଙ୍କ ପାଇଁ ଦାନକରିବାର ନିଷ୍ପତ୍ତି ନେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୱେବ୍ ସାଇଟରେ ନିଜକୁ ପଞ୍ଜୀକୃତ କରିଛନ୍ତି । କେବଳ ଗରିବ ନିରୀହ ଲୋକ ନୁହେଁ ମଧ୍ୟବିତ୍ତ ପରିବାରର ଲୋକ ମଧ୍ୟ ଟଙ୍କା ଅଭାବରୁ ଏହି ଦୁର୍ଲଭ ଅଙ୍ଗ ପ୍ରତ୍ୟଙ୍ଗ ପାଇବାରୁ ବଞ୍ଚିତ ରହି ଯାଉଥିବା ବେଳେ ଅନେକ ଜୀବନ ହରାଇଥାନ୍ତି ବୋଲି କହିଥିବା ବେଳେ ନିଜର ମୃତ୍ୟୁ ପରେ ଶରୀରକୁ ପୋଡି ପାଉଁଶ କରିଦେବା ଅପେକ୍ଷା ନିରୀହ ଲୋକଙ୍କୁ ବିନା କୌଣସି ସ୍ୱାର୍ଥରେ ସାହାଯ୍ୟ କରି ଅନ୍ୟର ଜୀବନ ବଞ୍ଚାଇ କାମରେ ଆସିବା ପରି ମହତ କାର୍ଯ୍ୟ ନାହିଁ ବୋଲି ମତ ଦେଇଛନ୍ତି । ସାମ୍ବାଦିକଙ୍କ ଅଙ୍ଗଦାନ ପଞ୍ଜିକରଣ ଖବର ପାଇ ଭଞ୍ଜଙ୍କୁ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶଂସା କରିବା ସହ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଢେର ସାରା ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ମୃତ୍ୟୁ ପରେ ନିଜର ଅଙ୍ଗ ଅନ୍ୟ ଶରୀରରେ ପ୍ରତିରୋପଣ କରି ଜଣକୁ ନୂତନ ଜୀବନ ଦେବା ଠାରୁ ମହତକାର୍ଯ୍ୟ ଆଉ କିଛି ନାହିଁ । ତେଣୁ ପ୍ରତ୍ୟେକ ସଚେତନ ନାଗରିକ, ସ୍ୱେଚ୍ଛାସେବୀ ଏ ବାବଦରେ ଅଗ୍ରସର ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

# ଇଚ୍ଛାପୁର ଓ କୋରରେ କଂଗ୍ରେସ କରିବ ସଂକୀର୍ତ୍ତନ ସତ୍ୟାଗ୍ରହ

କେନ୍ଦ୍ରାପଡ଼ା, ୦୯/୧୧ (ନି.ପ୍ର): ଆଜି କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସର ମିଳିତ ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ନଗର ସଭାପତି ରାଜେଶ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆସନ୍ତା ୯ ତାରିଖରେ ସଂକୀର୍ତ୍ତନ ସତ୍ୟାଗ୍ରହ ପ୍ରସଙ୍ଗରେ ଦୀର୍ଘ ଆଲୋଚନା କ୍ରମେ ଇଚ୍ଛାପୁର ଶ୍ରୀ ବଳଦେବଜୀଉ ମନ୍ଦିର ଓ କୋର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆୟୋଜନ କରିବାକୁ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ, ସମର୍ଥକ ଓ କୀର୍ତନ ମଣ୍ଡଳୀ ସାମିଲ କରିବାକୁ ନିଷ୍ପତି ହୋଇଛି । କୋର ଓ ଇଚ୍ଛାପୁର ବଳଦେବଜୀଉ ମନ୍ଦିର ସମ୍ମୁଖରେ ନିର୍ଦ୍ଧାରିତ ସଂକୀର୍ତନ ସତ୍ୟାଗ୍ରହରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ସମେତ କେନ୍ଦ୍ରାପଡ଼ା ବ୍ଲକ୍‌ର ଜୋନ୍ ନଂ-୬ ଓ ଜୋନ୍ ନଂ-୮ର ବନ୍ଧୁମାନେ ଏବଂ କୋର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖ ସତ୍ୟାଗ୍ରହରେ ଜୋନ୍ ନଂ-୫, ଜୋନ୍ ନଂ-୭ ଓ ଜୋନ୍ ନଂ-୧୫, ୧୬ ବନ୍ଧୁମାନେ ସାମିଲ ହେବେ । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଚାରି ଦ୍ୱାର ଖୋଲିବା ଦାବି ଓ ରତ୍ନ ଭଣ୍ଡାର ଭିତର ଦ୍ୱାର ଖୋଲିବା ଦାବିକୁ ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଅବିଳମ୍ବେ ଜଗନ୍ନାଥ ପ୍ରେମୀମାନଙ୍କ ସାମୁହିକ ଏହି ଦୁଇଟି ଦାବିକୁ ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଚିତ୍ରସେନ ପରିଡ଼ା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ, ପୂର୍ବତନ କାଉନ୍‌ସିଲର ହିବଜୁର ରହେମାନ, କାଉନ୍‌ସିଲର ଚାନ୍ଦ ବାବୁ, ପୂର୍ବତନ କାଉନ୍‌ସିଲର ସୌମେନ୍ଦ୍ର ପୃଷ୍ଟି, ଅର୍ବାନ ବ୍ୟାଙ୍କ ଡାଇରେକ୍ଟର ସିଦ୍ଧାର୍ଥ ଜେନା, ପୂର୍ବତନ ସରପଂଚ ପ୍ରଭାତ କୁମାର ଉଡ଼ାଣସିଂ, କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ଜିଲ୍ଲା ଲଂଗ୍ରେସ କୋଷାଧ୍ୟକ୍ଷ ଉମାଶଙ୍କର ଜେନା, ଡିସିସି ସାଧାରଣ ସମ୍ପାଦକ ଆଶିଷ ମେକାପ, ଆଇନଜୀବୀ ବିଭୂତି ଭୂଷଣ ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ବାବାଜୀ ମଲ୍ଲିକ, ରାମଚନ୍ଦ୍ର ସାହୁ, ଦଳିତ ନେତା ବସନ୍ତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲ୍ଲାଇ, ଡିସିସି ସାଧାରଣ ସମ୍ପାଦକ କମଳାକାନ୍ତ ବେହେରା, ଯୁବନେତା ଦୟାନିଧି ପରିଡ଼ା, ଯୁବନେତା ସୁବାଷ ମହାଳିକ, ଯୁବନେତା ଜ୍ଞାନରଞ୍ଜନ ସାହୁ, ବ୍ଲକ କିଷାନ କଂଗ୍ରେସ ସଭାପତି ଅନନ୍ତ ଚରଣ ସ୍ୱାଇଁ, ସୁରେଶ ଚନ୍ଦ୍ର ମାହାଳି, ବିମଳ ଖଣ୍ଡାଇ, ବିଶ୍ୱଜିତ ମହାନ୍ତି, କ୍ଷମାନିଧି ସାମଲ, ଦୀପକ ଭଦ୍ର, ବୃଷଭାନୁ ଦାସ, ରଞ୍ଜିତ ସ୍ୱାଇଁ, ବରିଷ୍ଠନେତା ଗଣେଶ ମେକାପ, ନିରଞ୍ଜନ ପରିଡ଼ା, ଯୁବନେତା ହିମାଂଶୁ ବେହେରା, ପୀତାମ୍ବର ଜେନା ଓ ବିଧାନସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ମୂଲ୍ୟବୋଧ ଭିତିକି ସାମ୍ବାଦିକତା ଦିବସ ପାଳିତ

କୋରେଇ, ୦୯/୧୧ (ନି.ପ୍ର): ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ) ଆହ୍ୱାନ କ୍ରମେ ଜିଲ୍ଲା ସାମ୍ବାଦିକ ସଂଘ, ଯାଜପୁର ପକ୍ଷରୁ ପାଣିକୋଇଲି ଓଉପଦାସ୍ଥିତ ଜେକେ ହୋଟେଲ ପରିସରରେ ମୂଲ୍ୟ ବୋଧ ଭିତିକ ସାମ୍ବାଦିକ ଦିବସ ଆଜି ପାଳିତ ହୋଇଛି । ଜିଲ୍ଲା ସଙ୍ଘ ସଭାପତି ସୁବାସ ଧଳଙ୍କ ସଭାପତିରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଏସୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ ଯୋଗଦେଇ ଅବକ୍ଷୟ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ଖଣ୍ଡାଇ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚିନ୍ତାମଣି ପାଢୀ, ଅମୂଲ୍ୟ କୁମାର ବରାଳ, ପବିତ୍ର ରାଉତରାୟ, ଉପସଭାପତି ଉମାକାନ୍ତ ରାଉତ, ଅଭୟ ଧଳ, ପ୍ରତ୍ୟୁଷ ନାୟକ, ପ୍ରଭାତ ତ୍ରିପାଠୀ, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ମୂଲ୍ୟବୋଧ ଭିତିକି ସାମ୍ବାଦିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ବିରଂଚି ନାରାୟଣ ଖୁଂଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୯/୧୧ (ନି.ପ୍ର): ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଂଚଳରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ରହିଯାଉଥିବା ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଏହାର ସୁବିଧା ସୁଯୋଗ ପାଇବା ପାଇଁ ଶିବିରରେ ଆବେଦନ କରିପାରିବେ । ଅନ୍‌ଲାଇନ୍ ସାର୍ଟିଫିକେଟ୍ ବା ସହାୟକ ଉପକରଣ ସହ ବସ୍‌ପାସ୍, ଡିଆର୍‌ଆଇ ଲୋନ୍, ରାସନକାର୍ଡ୍, ଘର, ଧନ୍ଦାମୂଳକ ଶିକ୍ଷା ପାଇଁ ତାଲିମ୍ ଓ ଥଇଥାନ, ବିବାହ ପ୍ରୋତ୍ସାହନ ରାଶି, ବାର୍ଷିକ ଆୟ ପ୍ରମାଣପତ୍ର, ସ୍ୱତନ୍ତ୍ର ପରୀକ୍ଷଣ ପରେ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ, ଭିନ୍ନକ୍ଷମ ଶିକ୍ଷାବୃତି ଆଦି ବିଭିନ୍ନ ଯୋଜନାର ସୁବିଧା ପାଇଁ ଏହି ଶିବିରରେ ଆବେଦନ କରିହେବ । ରାଜକନିକା, ଆଳି, ମହାକାଳପଡ଼ା ଓ ରାଜନଗର ବ୍ଲକ୍‌ରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଶିବିର ହେବାକୁ ସ୍ଥିର ହୋଇଥିବା ବେଳେ ଅନ୍ୟସମସ୍ତ ବ୍ଲକ୍‌ରେ ଗୋଟିଏ ସ୍ଥାନରେ ଦିନିକିଆ ଶିବିର ଆୟୋଜନ ହେବ । କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଯେଉଁଦିନ ଶିବିର ହେବ ସେଦିନ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରାଚଂଳର ଭିନ୍ନକ୍ଷମ ଭାଇ ଭଉଣୀ ମାନେ ଆବେଦନ କରିପାରିବେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ୍‌ର ଅଧିକାରୀ, ସମସ୍ତ ବ୍ଲକ୍‌ର ବିଡିଓ, ତହସିଲ୍‌ଦାର, ଡିଏଚ୍‌ଏଚ୍‌ର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଅଞ୍ଜଳୀ ତରାଇ, ମୁନିସିପାଲିଟିର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ମିଶନ୍ ଶକ୍ତି ସଂଯୋଜକ, ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ ପ୍ରମୂଖ ଉପସ୍ଥିତ ଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ରୂପାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କୁ ଗୁହାରି କଲେ ବିଲାବାଡି ପଂଚାୟତବାସୀ

କନ୍ଧମାଳ, ୦୯/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍ର ବିଲାବାଡ଼ି ସରପଂଚଙ୍କ ନେତୃତ୍ୱରେ ପଂଚାୟତର ଶତାଧିକ ଲୋକ ରାସ୍ତା, ବିଜୁଳି ଓ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି । ବିଲାବାଡ଼ି ସରପଂଚ ରବିନ୍ଦ୍ର ଭୁକ୍ତ କହିଛନ୍ତି, ଦିର୍ଘବର୍ଷ ଧରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଖଣ୍ଡେ ପାଇଁ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ବିଡିଓ ଓ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରି ଶେଷରେ ନିରାଶ ହୋଇଛନ୍ତି ଗ୍ରାମବାସୀ । ୫-ଟି ଅଧ୍ୟକ୍ଷଙ୍କ କନ୍ଧମାଳ ଗସ୍ତ ବେଳେ ଗ୍ରାମବାସୀ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିଲେ । ସରପଂଚ ରବିନ୍ଦ୍ର ଭୁକ୍ତ କନ୍ଧମାଳ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ଅଭିଯୋଗ କରିବା ସହ ଏକ ଲିଖିତ ପତ୍ର କନ୍ଧମାଳ ଜିଲ୍ଲପାଳଙ୍କୁ ପ୍ରଦାନ କରାଯାଇଛି । କୋଡ଼ିଏ ଦିନ ଭିତରେ ଯଦି କିଛି ପ୍ରତିଶ୍ରୁତି ନ ମିଳେ ତେବେ ପଂଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି । ନେତାଙ୍କ ଠାରୁ ଆରମ୍ଭ କରି ରାଜନେତା ଓ ବିଡିଓ ସାଂସଦ ସମସ୍ତଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାହାରି ପାଦ ପଡି ନାହିଁ କି ଲିଖିତ ଭାବେ କିଛି ପ୍ରତିଶ୍ରୁତି ମିଳିନାହିଁ । ପୂର୍ବତନ ସାଂସଦ ପ୍ରତ୍ୟୁସା ରାଜେଶ୍ୱରୀଙ୍କ ସମୟରେ ଏହି ପଂଚାୟତକୁ ପୋଷ୍ୟ ପଂଚାୟତ ରୂପେ ଘୋଷଣା କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରୁ ବଂଚିତ ବିଲାବାଡି ପଂଚାୟତ ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୦ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 NOVEMBER 2023
Vol.No. 34 ■ No. 295■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନେତାଙ୍କ ବିରୋଧରେ ଥିବା ମାମଲାର ଶୁଣାଣି ଶୀଘ୍ର ଶେଷ କର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯/୧୧ : ଆଗକୁ ବିଧାନସଭା ନିର୍ବାଚନ। ଏହାରି ଭିତରେ ଆସିଛି ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ଶୀଘ୍ର ରାୟ ଶୁଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସବୁ ରାଜ୍ୟର ହାଇକୋର୍ଟଙ୍କୁ କୁହାଯାଇଛି। ଏହା ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହାସହ ଟ୍ରାଏଲ କୋର୍ଟ ପାଇଁ ସମାନ ଗାଇଡ଼ଲାଇନ ଗଠନ କରିବା କଷ୍ଟକର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏପରି ମାମଲାରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ଏହାର ତ୍ୱରିତ ଶୁଣାଣି କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷ କରି ଆଜୀବନ କାରାଦଣ୍ଡ ଓ ଫଶୀ ଦଣ୍ଡାଦେଶ ଥିବା ମାମଲାଗୁଡିକୁ ଅଧିକ ପ୍ରାଥମିକତା ଦିଆଯାଉ। କୋର୍ଟ ଏଥିପାଇଁ ସ୍ୱତନ୍ତ୍ର ବେଞ୍ଚ ମଧ୍ୟ ଗଠନ କରିପାରିବେ। ଯଦି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଆଜୀବନ କାରାଦଣ୍ଡ ଠାରୁ ହତ୍ୟା ପର୍ଯ୍ୟନ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏଭଳି ମାମଲାରେ ଟାଇମ୍ ଲାଇନ୍‌କୁ ନେଇ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡଙ୍କ ବେଞ୍ଚ କହିଛନ୍ତି। ଆବଶ୍ୟକ ପଡିଲେ ସ୍ୱତନ୍ତ୍ର ବେଞ୍ଚ ସମୟ ସମୟରେ ମାମଲାଗୁଡିକର ତାଲିକାଭୁକ୍ତ କରିପାରିବେ। ଯେଉଁମାନଙ୍କ ଶୁଣାଣି ଅଟକି ରହିଛି ସେଗୁଡିକର ଲିଷ୍ଟିଂ କରାଯିବା ଉଚିତ। ଏଭଳି ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ବେଞ୍ଚର ନେତୃତ୍ୱ ନିଜେ ହାଇକୋର୍ଟର ମୁଖ୍ୟ ବିଚାରପତି ନେବା ଉଚିତ। ଯଦି ସୀମିତ ସଂଖ୍ୟକ ମାମଲାରେ ମୃତ୍ୟୁ ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ, ତେବେ ସେଗୁଡିକର ଆଗୁଆ ପ୍ରାଥମିକତା ଭିତ୍ତିରେ ଶୁଣାଣି କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବର୍ତ୍ତମାନ ତଥା ପୂର୍ବତନ ସାଂସଦ ଓ ବିଧାୟକଙ୍କ ବିରୋଧରେ ୫୧୭୫ଟି ମାମଲା ବିଚାରାଧୀନ ଅଛି। ନିକଟରେ ଏହି ସବୁ ମାମଲାର ଶୀଘ୍ର ଶୁଣାଣି କରିବାକୁ ଓକିଲ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନର ଶୁଣାଣି କରି କୋର୍ଟ ଆଜି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

## ନଭେମ୍ବରରେ ଲଘୁଚାପ: ୧୬ ତାରିଖ ବେଳକୁ ପ୍ରବଳ ବର୍ଷା

ଭୁବନେଶ୍ୱର , ୯/୧୧ (ନି.ପ୍ର): ନଭେମ୍ବର ୧୪ ତାରିଖରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ବାୟୁ ମଣ୍ଡଳର ଉପର ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୧୫ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେଇପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ସୂଚନା ଦେଇଛି। ମିଳିଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏହି ଘୂର୍ଣ୍ଣିବଳୟ ଉତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ଥିବା ବେଳେ ଏହା ଦିଗ ପରିବର୍ତ୍ତନ କରି ନଭମ୍ବେର ୧୬ ସୁଦ୍ଧା ଉତ୍ତର ଦିଗ ଆଡ଼କୁ ମୁହାଁଇପାରେ ବୋଲି ସିଇସି ପକ୍ଷରୁ ଜାରୀ ହୋଇଥିବା ବୁଲେଟିନ୍‌ରେ କୁହାଯାଇଛି। ଏହାର ପ୍ରଭାବରେ ନଭେମ୍ବର ୧୫ ରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାଗୁଡ଼ିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେଇପାରେ। ଏହାପର ଦିନ ଅର୍ଥାତ୍ ୧୬ ତାରିଖରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ଉତ୍ତର ଦିଗ ଆଡ଼କୁ ମୁହାଁଉଥିବାରୁ ଉପକୂଳ ଓ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ନଭେମ୍ବର ୧୬ ତାରିଖ ରାତିରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ନଭେମ୍ବର ୧୬ ରୁ ୧୮ ମଧ୍ୟରେ ଗଜପତି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ, ପୁରୀ, ନୟାଗଡ଼, ଢେଙ୍କାନାଳ, ▶▶ପୃଷ୍ଠା ୭

## ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସନ୍ତା ୨୭ ତାରିଖରେ ପାରାଦୀପ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୯/୧୧ (ନି.ପ୍ର): ଆସନ୍ତା ୨୭ ତାରିଖରେ ପାରାଦୀପ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେବେ ରାଷ୍ଟ୍ରପତି। ପାରାଦୀପ ବନ୍ଦର ପକ୍ଷରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଯୋଗ ଦେବା ପାଇଁ ଓଡ଼ିଶା ଆସୁଥିବା ଗୁରୁବାର ରାଷ୍ଟ୍ରପତି ଭବନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ପାରାଦୀପ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ସୂଚନା ଅନୁଯାୟୀ, ବଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତରଫରୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଯାହାକୁ ରାଷ୍ଟ୍ରପତି ସ୍ୱୀକାର କରିଛନ୍ତି। ଏ ନେଇ ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି। ବୋଇତ ବନ୍ଦାଣ କର୍ଯ୍ୟକ୍ରମ ପୂର୍ବାହ୍ଣ ୧୦ଟାରେ ଆୟୋଜନ ହେବ। ପାରାଦୀପର ବୋଇତ ବନ୍ଦାଣ ଉତ୍ସବରେ ପ୍ରଥମ ଥର ରାଷ୍ଟ୍ରପତି ଯୋଗ ଦେବେ।

## ଆୟୁର୍ବେଦିକ କଲେଜ ଅଧ୍ୟକ୍ଷଙ୍କର ଅପନ୍ୟର୍ଯ୍ୟାପ୍ତ ସମ୍ପତ୍ତି: ୩ଟି କୋଠା ଓ ୧୬ଟି ପ୍ଲଟ୍ ଠାବ





ବଲାଙ୍ଗିର , ୯/୧୧ (ନି.ପ୍ର): ବଲାଙ୍ଗିର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଜମା କରିଛନ୍ତି ପୁଳା ପୁଳା ସମ୍ପତ୍ତି। ଆଜି ଭିଜିଲାନ୍ସ ରେଡ୍ ବେଳେ ଏହା ସାମ୍ନାକୁ ଆସିଛି। ପ୍ରଫେସର ସୁଦର୍ଶନ ବେହେରାଙ୍କର ତିନିଟି ବହୁତଳ କୋଠା ରହିଛି। ସେଥିରୁ ଗୋଟିଏ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବ୍ଲକ୍ ଛକ ନିକଟରେ ରହିଛି। ଏହି ଘରଟି ୪ ମହଲା ବିଶିଷ୍ଟ। ସେହିପରି ପୁରୀ ଜିଲ୍ଲା ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁରରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି। ପୁରୀ ଜିଲ୍ଲା ଗୋପର ସୋରିଷପଦାରେ ମଧ୍ୟ ତାଙ୍କର ଏକ କୋଠା ଠାବ କରାଯାଇଛି। ତିନୋଟି ବହୁତଳ କୋଠା ସହିତ ପ୍ରଫେସର ସୁଦର୍ଶନ ବେହେରାଙ୍କ ପୁରୀ ଜିଲ୍ଲାରେ ୧୬ଟି ପ୍ଲଟ ଠାବ କରିଛି ଭିଜିଲାନ୍ସ। ଭିଜିଲାନ୍ସର ବୈଷୟିକ ଟିମ୍ ତିନୋଟି ଯାକ ଘର ଓ ସମସ୍ତ ପ୍ଲଟର ମାପଚୁପ ଓ ମୂଲ୍ୟାୟନ କରୁଛି। ବ୍ୟାଙ୍କରେ ପ୍ରଫେସର ସୁଦର୍ଶନ ବେହେରାଙ୍କର ୫୦ ଲକ୍ଷ ଟଙ୍କା ଜମା ରହିଛି। ତାଙ୍କର ୩ଟି ୪ ଚକିଆ ଗାଡ଼ି ଓ ଗୋଟିଏ ବାଇକ୍ ରହିଛି। ଏସବୁର ମୂଲ୍ୟ ମିଶି ୩୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କର ଡାକ ଘର ଜମା, ବୀମା ଓ ଅନ୍ୟାନ୍ୟ ଜମା ଟଙ୍କା ସଂପର୍କରେ ଭିଜିଲାନ୍ସ ଅନୁସନ୍ଧାନ ଜାରି ରଖିଛି। ରେଡ୍ ବେଳେ ଆଉ ଗୋଟିଏ କଥା ମଧ୍ୟ ଦେଖିବାକୁ ମିଳିଛି। ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରାଙ୍କର ୩ଟି ଯାକ ୪ ଚକିଆ ଗାଡ଼ିର ନମ୍ବର ୩୨୩୨ ରହିଛି। ଏହି ନମ୍ବରଗୁଡ଼ିକ ପାଇଁ ତାଙ୍କର ଦୁର୍ବଳତା ଥିବାରୁ ସବୁ କାରଗୁଡ଼ିକ ପାଇଁ ଏହି ନମ୍ବର ଆଣିଛନ୍ତି।

## କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୯/୧୧ (ନି.ପ୍ର): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଭୁବନେଶ୍ୱର ପିଏଚ୍ ଡିଭିଜନର କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ପାଣିଗ୍ରାହୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଚଢାଉ ବେଳେ ଭିଜିଲାନ୍ସ ବିଶ୍ୱବନ୍ଧୁଙ୍କ ଆୟଠାରୁ ୩୩୮ ପ୍ରତିଶତ ଅଧିକ ସମ୍ପତି ଠାବ କରିଥିଲା। ଯାହା ମଧ୍ୟରେ ୪ କୋଟିର ଜମା, ୩ଟି କୋଠା, ୬ଟି ପ୍ଲଟ ରହିଥିଲା। ସୂଚନା ଅନୁଯାୟୀ ଗତକାଲି ଭିଜିଲାନ୍ସର ୬ଟି ଟିମ୍ ଭୁବନେଶ୍ୱର ସମେତ ବିଶ୍ୱବନ୍ଧୁଙ୍କ ୬ଟି ଠିକଣାରେ ଚଢାଉ କରିଥିଲା। ଚଢ଼ଉ ବେଳେ ଭୁବନେଶ୍ୱର ଭିଏସ୍ଏସ୍‌ନଗରସ୍ଥିତ ଦୁଇମହଲା ଆବାସିକ କୋଠା, ରୁଦ୍ରପୁରସ୍ଥିତ ଆସୋଟେକ୍ ପ୍ରାଇଡ୍ ରେ ବିଳାସପୂର୍ଣ୍ଣ ୩ ବିଏଚ୍‌କେ ଫ୍ଲାଟ, ଭଦ୍ରକ ମଠସାହି ସ୍ଥିତ ଏକ ମହଲା କୋଠା ଓ ତୋରାନପଡ଼ାସ୍ଥିତ ପେତୃକ ଘର ଠାବ କରାଯାଇଥିଲା। ସେହିପରି ରାଜଧାନୀର ପ୍ରମୁଖ ଅଂଚଳରେ ଦୁଇଟି ପ୍ଲଟ୍, ▶▶ପୃଷ୍ଠା ୭

## ଆସନ୍ତା ୪ରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ



ନୂଆଦିଲ୍ଲୀ, ୯/୧୧ : ଡିସେମ୍ବର ୪ ତାରିଖରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ। ଏହା ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୧୯ ଦିନ ମଧ୍ୟରେ ମୋଟ ୧୫ଟି କାର୍ଯ୍ୟ ଦିବସ ରହିଛି। ସଂସଦୀୟ ବ୍ୟପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏନେଇ 'ଢ' ଏକାଉଣ୍ଟ ଜରିଆରେ ସୂଚନା ଦେଇଛନ୍ତି। ସାଧାରଣତଃ ନଭେମ୍ବର ମାସରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହୁଏ। କିନ୍ତୁ ଏଥର ୫ଟି ରାଜ୍ୟରେ ନିର୍ବାଚନ ଚାଲିଥିବାରୁ ଶୀତ ଅଧିବେଶନ ଡିସେମ୍ବର ମାସରୁ ଆରମ୍ଭ ହେଉଛି। ମଧ୍ୟ ପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନର ଫଳାଫଳ ଡିସେମ୍ବର ୩ ତାରିଖରେ ପ୍ରକାଶ ପାଉଥିବା ବେଳେ ତା'ପର ଦିନଠାରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ।

## ବିହାର ବିଧାନସଭାରେ ପାସ୍ ହେଲା ୬୫% ସଂରକ୍ଷଣ ବିଲ୍



ନୂଆଦିଲ୍ଲୀ, ୯/୧୧ : ଗୁରୁବାର ବିହାର ରାଜନୀତିରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ବିହାର ବିଧାନସଭାରେ ୬୫ ପ୍ରତିଶତ ସଂରକ୍ଷଣ ସଂଶୋଧନ ବିଲ୍ ଆଗତ କରାଯାଇଛି। ଏହି ବିଲ୍ ସମସ୍ତ ପକ୍ଷ ସର୍ବସମ୍ମତି କ୍ରମେ ପାରିତ ହୋଇଛି। ଏହି ବିଲ୍ ମୁତାବକ ବିହାରରେ ବର୍ତ୍ତମାନ ରାଜ୍ୟର ଖାଲିଥିବା ପଦବୀରେ ଅନୁସୂଚିତ ଜାତିକୁ ୨୦ ପ୍ରତିଶତ, ଅନୁସୂଚିତ ଜନଜାତି ୨ପ୍ରତିଶତ, ପଛୁଆ ବର୍ଗଙ୍କୁ ୧୮ ପ୍ରତିଶତ ଏବଂ ଅତ୍ୟଧିକ ପଛୁଆ ବର୍ଗଙ୍କୁ ୨୫ ପ୍ରତିଶତ ସଂରକ୍ଷଣ ମିଳିବ। ଏହି ସଂରକ୍ଷଣ ସମୁଦାୟ ୬୫ ପ୍ରତିଶତ। ତେବେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବିଭାଗର ଲୋକଙ୍କ ପାଇଁ ପୂର୍ବରୁ ୧୦ ପ୍ରତିଶତ ସଂରକ୍ଷଣ ପୂର୍ବରୁ ପ୍ରଯୁଜ୍ୟ ରହିଛି। ମୋଟାମୋଟି ଭାବେ, ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଂରକ୍ଷଣର ପରିସର ବର୍ତ୍ତମାନ ୭୫ ପ୍ରତିଶତ ରହିବ। ବିହାର ବିଧାନସଭାରେ ଜାତି ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ କ୍ୟାବିନେଟ ମଙ୍ଗଳବାର ଦିନ ରାଜ୍ୟରେ ପଛୁଆ ବର୍ଗ, ଅତ୍ୟଧିକ ପଛୁଆ ବର୍ଗ ଏବଂ ଆର୍ଥିକ ରୂପେ ଦୁର୍ବଳ ବିଭାଗ ପାଇଁ ସଂରକ୍ଷଣକୁ ୬୫ ପ୍ରତିଶତକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲା। ବିହାର ବିଧାନସଭାର ବର୍ତ୍ତମାନର ଅଧିବେଶନରେ ଏହା ଉପରେ ଏକ ବିଲ୍ ଅଣାଯିବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସସି-ଏସଟି) ତଥା ରାଜ୍ୟର ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ଅତ୍ୟଧିକ ପଛୁଆ ବର୍ଗର ସଂରକ୍ଷଣକୁ ନିର୍ଦ୍ଧାରିତ ୫୦ ପ୍ରତିଶତରୁ ୬୫ ପ୍ରତିଶତ ଯାଏଁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟରେ ପ୍ରସ୍ତାବ ରଖିଥିଲେ। ଏହାପରେ ଏବେ ଏହି ବିଲ୍‌କୁ ଆଗତ କରାଯାଇଛି। ବିରୋଧୀ ଦଳ ବିଜେପି ମଧ୍ୟ ଏହି ବିଲ୍‌କୁ ସମର୍ଥନ ଜଣାଇଛି। ବର୍ତ୍ତମାନ ଏହି ବିଲ୍ ବିଧାନ ପରିଷଦରେ ରଖାଯିବ, ଏହା ପାସ୍ ହେବା ପରେ ରାଜ୍ୟପାଳଙ୍କ ନିକଟକୁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବ। ସେପଟେ କେନ୍ଦ୍ର ସରକାର ମଧ୍ୟ ଜାତିଗତ ଗଣନା କରିବା ଉଚିତ ବୋଲି ବିଧାନସଭାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି। ଏଥିସହ ସଂରକ୍ଷଣ ବୃଦ୍ଧି କରିବାକୁ ସେ କେନ୍ଦ୍ରକୁ ଦାବି କରିଛନ୍ତି। ଗୃହରେ ବିହାରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ନୀତୀଶ ଦୋହରାଇଛନ୍ତି।

## ବାଇକ-ଟ୍ୟାଙ୍କର ଧକ୍କା:୨ ମୃତ, ଗର୍ଭବତୀ ଗୁରୁତର

ଯାଜପୁର, ୯/୧୧ (ନି.ପ୍ର): ଯାଜପୁର ଜିଲ୍ଲା ସଦର ଥାନା ବରୁହାଁ ଛକ ନିକଟରେ ଏକ ଟ୍ୟାଙ୍କର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗର୍ଭବତୀ ଆହତ ହୋଇଛି। ମୃତକଙ୍କ ମଧ୍ୟରୁ ଜଣେ ଯୁବକ ଓ ଅନ୍ୟ ଜଣେ ବୃଦ୍ଧା। ମୃତ ଯୁବକଙ୍କ ନାଁ ସୁଦର୍ଶନ ବେହେରା। ସେହିପରି ଆହତ ଗର୍ଭବତୀଙ୍କ ନାଁ ପୂର୍ଣ୍ଣିମା ବେହେରା। ମୃତାହତମାନେ ସାନ ବରୁହାଁ ଗାଁର। ସେମାନେ ବାଇକରେ ଯାଉଥିବା ବେଳେ ୨୦ ନମ୍ବର ଜାତୀୟ ରାଜପଥର ବରୁହାଁ ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିଲା। ସୁଦର୍ଶନ ଓ ପୂର୍ଣ୍ଣିମାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

## ସଂସଦରେ ପ୍ରଶ୍ନ ପାଇଁ ଲାଞ୍ଚ ମାମଲା: ମହୁଆଙ୍କୁ ବହିଷ୍କାର କରିବାକୁ ସୁପାରିଶ



ନୂଆଦିଲ୍ଲୀ, ୯/୧୧ :ବଢୁଛି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରଙ୍କ ଅଡୁଆ। ସାଂସଦଙ୍କ ଲୋକସଭାରୁ ବହିଷ୍କାର କରିବାକୁ ଏଥିକ୍ସ କମିଟି ସୁପାରିସ୍ କରିଛି।ସଂସଦରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗର ଯାଞ୍ଚ କରୁଥିବା ଏଥିକ୍ସ କମିଟି ଏହି ସୁପାରିସ୍ କରିଛନ୍ତି। କମିଟି ପାଞ୍ଚ ଶହ ପୃଷ୍ଠାର ଏକ ରିପୋର୍ଟ କରି କହିଛନ୍ତି ଯେ, ଆଗକୁ ମହୁଆ ସାଂସଦ ଭାବେ ରହିବା ଉଚିତ ନୁହେଁ ଏବଂ ତାଙ୍କୁ ସଂସଦ ପଦରୁ ବହିଷ୍କାର କରାଯିବା ଉଚିତ୍। ମହୁଆଙ୍କ କାର୍ଯ୍ୟକଳାପକୁ ଅତ୍ୟନ୍ତ ଆପତ୍ତିଜନକ, ଅନୈତିକ, ଘୃଣ୍ୟ ଏବଂ ଅପରାଧୀକ ଦର୍ଶାଇ ତାଙ୍କୁ କଠୋର ଦଣ୍ଡ ଦେବାକୁ ଏଥିକ୍ସ କମିଟି ସୁପାରିସ୍ କରିଛନ୍ତି। କମିଟି ମଧ୍ୟ ଏହି ମାମଲାରେ ତୁରନ୍ତ ଆଇନଗତ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଛନ୍ତି। ▶▶ପୃଷ୍ଠା ୭

## ମାଓବାଦୀଙ୍କ ଅସ୍ତ୍ର ଭଣ୍ଡାର ପାଲଟିଛି ଗୁମ୍ଫା: ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର, ୯/୧୧ (ନି.ପ୍ର): ଗୁମ୍ଫା ନିକଟରେ କମ୍ବିଂ ବେଳେ ଜବତ ହୋଇଛି ବିପୁଳ ପରିମାଣର ବିସ୍ଫୋରକ ସମେତ ଅସ୍ତ୍ରଶସ୍ତ୍ର । ନକ୍ସଲ ଏଠାରୁ ନିଜ ଆତଙ୍କୀ କାର୍ଯ୍ୟକଳାପ ଅପରେଟ କରୁଥିବା ସଂଦେହ କରାଯାଉଛି । ଗୁମ୍ଫା ପାଲଟିଛି ମାଓବାଦୀଙ୍କ ଅସ୍ତ୍ର ଭଣ୍ଡାର । ମାଲକାନଗିରି ତୁଳସୀ ପାହାଡ଼ରେ ଥିବା ଗୁମ୍ଫାରେ ନକ୍ସଲମାନେ ରଖୁଛନ୍ତି ଅସ୍ତ୍ରଶସ୍ତ୍ର । କମ୍ବିଂ ଅପରେସନ ବେଳେ ଏଭଳି ତଥ୍ୟ ପାଇଛନ୍ତି ବିଏସଏଫ ଯବାନ। ଗୁମ୍ଫା ନିକଟରେ କମ୍ବିଂ ବେଳେ ଜବତ ହୋଇଛି ବିପୁଳ ପରିମାଣର ବିସ୍ଫୋରକ ସମେତ ଅସ୍ତ୍ରଶସ୍ତ୍ର । ▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୦ ନଭେମ୍ବର ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମା ବିବାଦର ଚେଷ୍ଟା...

ଏକ ସ୍ଥଳସୀମା ଘେରା ଭୁଟାନ୍ ହୁଏତ ଭାରତର ସବୁଠୁ ଛୋଟ ପଡ଼ୋଶୀ ହୋଇଥାଇପାରେ, କିନ୍ତୁ ଏହାର କୌଶଳପୂର୍ଣ୍ଣ ଗୁରୁତ୍ୱ ଭାରତ ପାଇଁ ଢେର୍ ଅଧିକ ଏବଂ ଏହା ଅନେକ ଗୁଣରେ ବୃଦ୍ଧି ପାଇଛି ଏକ ପରିସ୍ଥିତିରେ, ଯାହା ନାଟକୀୟ ଭାବରେ ପରିବର୍ତ୍ତିତ ହୋଇଛି ଭାରତ-ଚୀନ୍ ସୀମା ବିବାଦ ଆରମ୍ଭ ହେବା ପରଠାରୁ । ଏହି ବିବାଦ ଦୀର୍ଘ ଛଅ ବର୍ଷ ହେବ ଚାଲି ଆସୁଛି, ଯେବେଠୁ ଭୁଟାନ୍ ନିକଟବର୍ତ୍ତୀ ଡୋକ୍‌ଲାମ୍ ଉପତ୍ୟକା ଏକ ବିବାଦୀୟ କ୍ଷେତ୍ର ଭାବରେ ପରିଚିତ ହେଲା । ଏହା ଥିଲା ୨୦୧୭ର ଘଟଣା ଏବଂ ସେବେଠାରୁ ବସ୍ତୁତଃ ଭାରତର ଚୀନ୍ ସହିତ ସୀମା ବିବାଦ ଘନେଇଛି ଏବଂ ଡୋକ୍‌ଲାମ୍ ମଧ୍ୟ ଏକ ଧାନ କେନ୍ଦ୍ରିତ କରିବା ଭଳି କ୍ଷେତ୍ରରେ ପରିଣତ ହୋଇଛି । ନିକଟରେ ଭୁଟାନ୍‌ର ସୀମାକୁ ଲାଗିଥିବା ଚୀନ୍ ଏହା ସହିତ ସମସ୍ତ ପ୍ରକାର ସୀମା ବିବାଦର ଅନ୍ତ ଘଟାଇବାକୁ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ଭାରତର ପୂର୍ବ ଭାଗରେ ଅବସ୍ଥିତ ଏଇ ହିମାଳୟ ଅଞ୍ଚଳର ପଡ଼ୋଶୀକୁ ନେଇ ଚିନ୍ତା ବଢ଼ି ଯାଇଥିଲା । ତେବେ ସମ୍ପ୍ରତି ଭୁଟାନ୍ ରାଜା ଜିଗ୍‌ମେ ଖେସାର ନାମ୍‌ଲ୍ ୱାଙ୍ଗ୍‌ଚୁକ୍ ଭାରତ ଗସ୍ତରେ ଆସିଛନ୍ତି, ଯାହାଙ୍କ ସହିତ ଭାରତର ପ୍ରଧାନମନ୍ତ୍ରୀ ବେଶ୍ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା କରିଛନ୍ତି ଏବଂ ଏହି ଛୋଟ ଦେଶର ବିକାଶ ନିମନ୍ତେ କେତେକ ପ୍ରକଳ୍ପ ଉପରେ କାମ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଭୁଟାନ୍ ରାଜାଙ୍କର ଭାରତକୁ ଚଳିତ ବର୍ଷ ଏହି ଦ୍ୱିତୀୟ ଗସ୍ତ କାଳରେ ଉଭୟ ରାଷ୍ଟ୍ର ଭିତ୍ତିଭୂମି ଏବଂ ସଂଯୋଗ ସ୍ଥାପନ ଉପରେ ଧାନ କେନ୍ଦ୍ରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଦ୍ୱିପାକ୍ଷିକ ଆଞ୍ଚଳିକ ପଦକ୍ଷେପଗୁଡ଼ିକ ଦିଗରେ ମହତ୍ତ୍ୱପୂର୍ଣ୍ଣ । ଭୁଟାନ୍ ରାଜା ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପରେ ଏକ ମିଳିତ ବିବୃତି ପ୍ରକାଶ ପାଇଛି । ଏଥିରେ କୋକ୍ରାଝର-ଗେଲେଫୁ ମଧ୍ୟରେ ରେଳ ସଂଯୋଗ ଉପରେ ସର୍ଭେକୁ ଶେଷ କରାଯିବା ସମ୍ପର୍କରେ କୁହାଯାଇଛି, ଯାହା ଭୁଟାନ୍‌କୁ ଆସାମ ସହିତ ଯୋଡ଼ିବ। ପୁନଶ୍ଚ, ଭୁଟାନ୍ ଓ ପଶ୍ଚିମବଙ୍ଗକୁ ରେଳ ସଂଯୋଗ ମାଧ୍ୟମରେ ଯୋଡ଼ିବା ସମ୍ପର୍କରେ ଆଲୋଚନା ଆରମ୍ଭ କରିବା କଥା ମଧ୍ୟ କୁହାଯାଇଛି । ସଙ୍ଗେ ସଙ୍ଗେ ଆଉ ଗୋଟିଏ ରେଳ ସଂଯୋଗ ଜରିଆରେ ଭୁଟାନ୍ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ କାରବାରକୁ ସୁଗମ କରିବା ସମ୍ପର୍କରେ ଉଲ୍ଲେଖ କରାଯିବା ସହିତ ଭାରତ-ଭୁଟାନ୍ ସୀମାରେ ଥିବା ଚେକ୍‌ପଏଣ୍ଟଗୁଡ଼ିକର ଉନ୍ନତିକରଣ ପ୍ରସ୍ତାବ ମଧ୍ୟ ଏଥିରେ ସାମିଲ ଅଛି । ବେଢ଼ି ଉପରେ କୋରଡ଼ା ଭଳି ଏହା ପାଇଁ ଚିନ୍ତାର କାରଣ ପାଲଟିଛି ବୈଶ୍ୱିକ ତାପାୟନ । ସେହିଭଳି ଦେଶ ଭିତରେ କର୍ମନିଯୁକ୍ତି ସୁଯୋଗର ଅଭାବ ଭୁଟାନ୍‌ର ଯୁବ ପିଢ଼ି ଏବଂ ପେସାଦାର ବ୍ୟକ୍ତିବିଶେଷଙ୍କୁ ବିଦେଶ ଗମନ କରିବାକୁ ବାଧ କରୁଛି । ଏସବୁରୁ ମୁକ୍ତି ପାଇବା ନିମନ୍ତେ ଭୁଟାନ୍ ରାଜା ଆସାମ ସହିତ ଲାଗିଥିବା ଏହାର ଦକ୍ଷିଣ ଭାଗର ସୀମାରେ ଏକ ବିଶେଷ ଅର୍ଥନୀତିକ କ୍ଷେତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ଗେଲେଫୁଠାରେ ଏକ ବିମାନ ବନ୍ଦର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହା ତାଙ୍କ ରାଜ୍ୟର ଅଭିବୃଦ୍ଧିକୁ ପ୍ରଚୋଦିତ କରିବା ସହିତ ରାଜ୍ୟର ବିଭିନ୍ନ ସମ୍ଭାବନାପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ କରିବା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରିବ । ଏଥି ସହିତ ୨୦୨୦ରେ ଭୁଟାନ୍ ସହିତ ବାଂଲାଦେଶ ସ୍ୱାକ୍ଷର କରିଥିବା ଏକ ଅଧିମାନ୍ୟ ବ୍ୟବସାୟିକ ରାଜିନାମା (ପିଟିଏ) ଭୁଟାନରେ ଉତ୍ପାଦିତ ସ୍ଥାନୀୟ ଉତ୍ପାଦଗୁଡ଼ିକର ରପ୍ତାନୀ ବୃଦ୍ଧି କରିପାରେ ଏବଂ ଏହି ଉପ-କ୍ଷେତ୍ରରେ ଅଧି ଭାରତୀୟ ଏବଂ ବାଂଲାଦେଶୀ ଉତ୍ପାଦକମାନଙ୍କ ନିମନ୍ତେ ଅଧିକ ବଜାର ସୃଷ୍ଟି କରିପାରେ । ଭାରତର ଶକ୍ତି ବିନିମୟ, ଯାହା ଅଧିକ ସଂଖ୍ୟକ ଭୁଟାନ୍ ଏବଂ ନେପାଳୀ ଜଳବିଦ୍ୟୁତ୍ ଯୋଗାଣକାରୀମାନଙ୍କୁ ଗୋଟିଏ ଧାରାରେ ରଖିଥିବା ବେଳେ ବାଂଲାଦେଶ ଏବଂ ଶ୍ରୀଲଙ୍କାକୁ ଶକ୍ତିର ବଣ୍ଟନ କରିବାର ଯୋଜନା ବହନ କରୁଛି, ତାହା ଆନ୍ତଃ-ଆଞ୍ଚଳିକ ଅଭିବୃଦ୍ଧି ଏବଂ ରାଜସ୍ୱକୁ ବୃଦ୍ଧି କରିବ । ଭାରତ ଏହାର ଏଇ ଛୋଟ ପଡ଼ୋଶୀ ରାଷ୍ଟ୍ରଟିକୁ କେତେ ଗୁରୁତ୍ୱ ଦେଉଛି, ତା'ର ଏକ ସ୍ପଷ୍ଟ ସୂଚକ ହେଉଛି ଅନେକଗୁଡ଼ିଏ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହନ ଦେବା। ଆଉ ଏହା ମଧ୍ୟ ଆହୁରି ଆଗକୁ ଯିବାର ସମ୍ଭାବନା ବହନ କରୁଛି ଯେହେତୁ ଭାରତ ଅନ୍ୟ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ଏହାର ସଦ୍ୟତମ କୂଟନୀତିକ ପଦକ୍ଷେପଗୁଡ଼ିକୁ ଅନୁକୂଳ କରିବା ଢଙ୍ଗରେ ଆଗଉଛି । ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଭୁଟାନର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ଭାରତର ପଡ଼ୋଶୀ ବାଂଲାଦେଶ, ଶ୍ରୀଲଙ୍କା, ନେପାଳକୁ ମଧ୍ୟ ଉପକୃତ କରିବ । ତେବେ ଏସବୁ ପ୍ରକଳ୍ପର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରାଯିବା ଉଚିତ । ପାକିସ୍ତାନ ସହିତ ସମସ୍ୟାବିଜଡ଼ିତ ସମ୍ପର୍କ ତଥା ମିଆଁମାର ସଙ୍ଗେ ବ୍ୟବସାୟିକ କାରବାର ଏବଂ ଭୂଭାଗ ସମ୍ପର୍କରେ ଅବନତି ଦୃଷ୍ଟିରୁ ଭାରତ ପାଇଁ ସଂଯୋଗ ସ୍ଥାପନ, ବଜାର ନିର୍ମାଣ ଏବଂ ଶକ୍ତି ସଂଯୋଗ ଆଗାମୀ ଦିନମାନଙ୍କରେ ସର୍ବାଧିକ ପରିପୋଷଣୀୟ ପଥ ଭାବରେ ଉଭା ହେବାକୁ ଯାଉଛି । ଦୀର୍ଘକାଳୀନ ଭିତ୍ତିରେ ଭୂ-ରାଜନୀତିକ ଦ୍ୱନ୍ଦ୍ୱ ସମୂହ ଏବଂ ଉଦାରୀକରଣ- ବିରୋଧୀ ଧାରାଗୁଡ଼ିକ ଆଞ୍ଚଳିକ ଗୋଷ୍ଠୀବାଦଗୁଡ଼ିକୁ ଅଧିକ ସହଯୋଗିତାମୂଳକ ହେବାକୁ ବାଧ କରୁଛି, ଯାହାକୁ ଦକ୍ଷିଣ ଏସିଆ ଏପର୍ଯ୍ୟନ୍ତ ହାସଲ କରିପାରି ନାହିଁ । ଡୋକ୍‌ଲାମ୍ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, କାରଣ ଏହା ରଣକୌଶଳ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଚିକେନ୍ ନେକ୍ (ସିଲିଗୁଡ଼ି କରିଡର) ନିକଟରେ ଅବସ୍ଥିତ ଏବଂ ଚୀନ୍‌ର ଏହା ଉପରେ ଲୋଲୁପ ଦୃଷ୍ଟି ରହିଛି । ଭୁଟାନ୍ ଭାରତର ପାରମ୍ପରିକ ବିଶ୍ୱସ୍ତ ବନ୍ଧୁ। ତେଣୁ ଏହାର ବିକାଶ ଭାରତକୁ କେବଳ ସୁରକ୍ଷା ପ୍ରସଙ୍ଗରେ ସୁନିଶ୍ଚିତ କରିବ ନାହିଁ, ବରଂ ସେଥି ସହିତ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ସମୃଦ୍ଧି ଆଣିଦେବ ।

## ରମ୍ଭା ଦେବୀ ଏକ ଅନନ୍ୟ ପ୍ରତିଭା

**ବିଷ୍ଣୁ ପ୍ରସାଦ ଦାସ**





ପୃଥିବୀର ଇତିହାସ ପୃଷ୍ଠାରେ ଅନେକ ମହିୟସୀ ମହିଳାଙ୍କ ନାମ ଉଲ୍ଲେଖ ହୋଇଛି ସେମାନଙ୍କର ତ୍ୟାଗ, ସମାଜ ସୁଧାର ପାଇଁ ଅବଦାନ ତଥା ନିଃସ୍ୱାର୍ଥପର ସେବା ସେମାନଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି । ଯେଉଁମାନେ ଲୋକ ଲୋଚନକୁ ଆସିଛନ୍ତି ସେମାନଙ୍କୁ ଆମେ ତ' ନିଶ୍ଚିତ ଭାବେ ମନେ ରଖିଛୁ, ଯେଉଁମାନେ ବଣମଲ୍ଲୀ ପରି ବଣରେ ଫୁଟି ବଣରେ ନିଜର ମହକକୁ ବିଛୁରିତ କରି ମଉଳି ଯାଇଛନ୍ତି ସେମାନଙ୍କୁ ହୁଏତ କେହି ମନେ ରଖି ପାରି ନାହାନ୍ତି । ସଭା ସମିତି କରି ମଞ୍ଚିରେ ମଞ୍ଚିରେ ସେହି ମହାନ ବ୍ୟକ୍ତିତ୍ୱମାନଙ୍କ ଗୁଣଗାନ କରିବା ଏବଂ ତାଙ୍କୁ ବର୍ଷକୁ ଥରେ ଦୁଇଥର ସମ୍ମାନ ଦେବା ପରେ ଆମେମାନେ ନିଜ କର୍ମ ମୟ ଜୀବନ ଭିତରେ ଆଉ ତାଙ୍କୁ ମନେ ରଖିବା ସମ୍ଭବ ହୁଏ ନାହିଁ, ଏହା ଏକ ଅପ୍ରିୟ ସତ୍ୟ ଯାହାକୁ କି ଅନେକେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଯାହାଙ୍କ ପାଇଁ ସଭା, ସମିତି ସେହି ମହାନ ବ୍ୟକ୍ତିଙ୍କ ଅଧୁରା କାର୍ଯ୍ୟକୁ କିପରି ଆଗେଇ ନେଇ ହେବ ଏବଂ ତାଙ୍କର ଭଲ ଗୁଣ ଗୁଡିକ କିପରି ଆମ ଜୀବନଚର୍ଯ୍ୟା ମଧ୍ୟରେ ସାମିଲ କରିହେବ ସେଥିପ୍ରତି ଦୃଷ୍ଟି ଦେବା ବିଧେୟ ।

ସେହିପରି ଜଣେ ମହିୟସୀ ମହିଳା ଧରା ପୃଷ୍ଠରେ ୧୯୧୯ ମସିହା ଦୀପାବଳି ଅମାବାସ୍ୟା ଦିନ ଜନ୍ମ ଗ୍ରହଣ କରିଥିଲେ ତାଙ୍କର କର୍ମମୟ ଜୀବନ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଆରମ୍ଭ ହୋଇ ଶେଷରେ ଚନ୍ଦନ ପରି ସୁଗନ୍ଧରେ ପରିପୂର୍ଣ୍ଣ ହୋଇ ଯାଇ ଥିଲା ସେହି ମହିୟସୀ ମହିଳାଙ୍କ ନାମ ରମ୍ଭା ଦେବୀ । ତାଙ୍କ ବାଲ୍ୟତ କାଳ କଲିକତାରେ କଟିଥିଲା, ଯୌବନର ଆରମ୍ଭରେ ଗୋବର୍ଦ୍ଧନ ପୁରୁଷୋତ୍ତମ ଦୃତିଆ ନାମକ ଜଣେ ବିରାଟ ବ୍ୟବସାୟୀଙ୍କ ସହିତ ତାଙ୍କର ପରିଚୟ ହୁଏ ଏବଂ ପରବର୍ତ୍ତୀ ସମୟରେ ରମ୍ଭା ଦେବୀ ତାଙ୍କୁ ବିବାହ କରନ୍ତି । ଗୋବର୍ଦ୍ଧନ ବାବୁଙ୍କର ପ୍ରଥମ ସ୍ତ୍ରୀ ନିଃସନ୍ତାନ ତଥା ରୋଗ ଗ୍ରସ୍ତ ଥିଲେ ତେଣୁ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାରେ ସେହି ସମୟରେ କୌଣସି ଅସୁବିଧା ନ'ଥିଲା । ବିବାହ ପରେ ସେ ପାଠ ପଢା ପ୍ରତି ଆଗ୍ରହ ରଖିଥିଲେ ଏବଂ ମେଟ୍ରିକୁଲେସନ ପରେ ଇଣ୍ଟର୍ ପାସ କରି ପରବର୍ତ୍ତୀ ଶିକ୍ଷା ମାଡ୍ରାସ ବର୍ତ୍ତମାନର ତାମିଲନାଡୁରୁ ଗ୍ରହଣ କରି ନିଜକୁ ସ୍ନାତକ ଉପାଧିରେ ଭୂଷିତ କରିବା ସହିତ ଶିକ୍ଷାରେ ମଧ ସ୍ନାତକ ଉପାଧି ପାଇଥିଲେ । ମନ ଭିତରେ ସେବା ମନୋଭାବକୁ ଉଜ୍ଜୀବିତ କରିବା ପାଇଁ ସେ ବମ୍ବେ ଯାଇ ନର୍ସିଙ୍ଗ/ ସେବିକା ପାଠ୍ୟକ୍ରମରେ ନାମ ଲେଖାଇ ଥିଲେ । ପରବର୍ତ୍ତୀ ସମୟରେ ସେ ମାଡ୍ରାସ ଆସି ଏହାକୁ କାର୍ଯ୍ୟରେ ଲଗାଇ ଜନତାଙ୍କୁ ସେବା ଦେଉଥିଲେ । ପୁରୁଷୋତ୍ତମ ଦୃତିଆ ଏବଂ ରମ୍ଭାଦେବୀଙ୍କ ଔରସରୁ ଜାତ ଏକ ପୁତ୍ର ସନ୍ତାନକୁ ସେ ତାଙ୍କ ସ୍ୱାମୀଙ୍କ ପ୍ରଥମ ସ୍ତ୍ରୀଙ୍କୁ ଦେଇ ନିଜେ ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିଥିଲେ । ମାଡ୍ରାସରେ ସେବା କାର୍ଯ୍ୟରେ ଥିବା ସମୟରେ ୧୯୪୪ ମସିହାରେ ଏକ ଡାକ୍ତର ଖାନାରେ ତାଙ୍କର ମହାତ୍ମା ଗାନ୍ଧୀଙ୍କ ସହିତ ଦେଖା ହୋଇଥିଲା, ମଣି କାଞ୍ଚନର ମିଳନ ପରେ ମହାତ୍ମା ଗାନ୍ଧୀ ତାଙ୍କୁ ଗାନ୍ଧୀ ଆଶ୍ରମକୁ ଆମନ୍ତ୍ରଣ କରିଥିଲେ । ରମ୍ଭା ଦେବୀଙ୍କ ଜୀବନରେ ଆଉ ଏକ ସୁବର୍ଣ୍ଣ ସୁଯୋଗ ଆସିଥିଲା ଯାହାକୁ କି ସେ ହାତଛଡା କରିବାକୁ ଚାହୁଁ ନ'ଥିଲେ । ଗାନ୍ଧିଜୀଙ୍କ ଆଶ୍ରମରେ ପ୍ରାୟ ଏକ ବର୍ଷ ରହି ଗାନ୍ଧୀ ଦର୍ଶନ, ସେବା ଏପରିକି ଅନେକ ସମୟରେ ତାଙ୍କୁ ପାଇଖାନା ସଫା କରିବାକୁ ମଧ ପଡୁଥିଲା କିନ୍ତୁ ସେଥିରେ ସେ ଆଦୌ ବିଚଳିତ ନ' ହୋଇ ସେବା ଆଶ୍ରମରେ ନିଜ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁଥିଲେ ତ୍ୟାଗ, ଅହିଂସା, ସେବା ମନୋବୃତ୍ତିକୁ ନିଜ ହୃଦୟରେ ଆପଣେଇ ନିଜ କର୍ମକ୍ଷେତ୍ର ଓଡିଶା ପ୍ରଦେଶକୁ ଚାଲି ଆସିଥିଲେ । ସେ ନିଜର କର୍ମକ୍ଷେତ୍ର କଟକରୁ ଅରମ୍ଭ କରିଥିଲେ, କଟକରେ ସରଳା ଦେବୀ, ଗୋପବନ୍ଧୁ ଚୌଧୁରୀ ଏବଂ ରମା ଦେବୀଙ୍କ ପରି ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀ ବାଦୀଙ୍କ ସଂସ୍ପର୍ଶରେ ଆସି ନିଜକୁ ସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ନିୟୋଜିତ କରି ପାରିଥିଲେ, ଜନତାଙ୍କ ଦୁଃଖକୁ ସେ ନିଜ ଦୁଃଖ ବୋଲି ଭାବୁଥିଲେ । ବିରାଟ ବ୍ୟବସାୟୀ ତଥା ବମ୍ବେ ଫେଡେରାଲ ବ୍ୟାଙ୍କର ଆତ୍ୟୁଚ୍ଚ ପଦବୀରେ ଥିବା ସ୍ୱାମୀଙ୍କ ସହିତ ଆରାମରେ ଜୀବନ ନ' ବିତାଇ ଶେଷରେ ସେ ସେବାଶ୍ରମ ଦ୍ୱାରା ଅବହେଳିତ, ଅସହାୟ, ଦୀନ ଦରିଦ୍ରଙ୍କ ସେବା ପାଇଁ କଟକ ସହରର ଅନତି ଦୂରରେ ବରୀ ସେବାଘରରେ ରହି ସେବା କାର୍ଯ୍ୟ କରି ଚାଲିଲେ । ନିକଟବର୍ତ୍ତୀ ଗ୍ରାମରେ ହରିଜନ ବସ୍ତି ଯାଇ ସାକ୍ଷରତା କାର୍ଯ୍ୟକ୍ରମ, ଶିଶୁ ବିକାଶ କାର୍ଯ୍ୟକ୍ରମ, ମହିଳାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହିତ କୁସଂସ୍କାର ବିରୋଧରେ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ଯାଇଛନ୍ତି ।

ପ୍ରତ୍ୟେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଧାନ ଦେବା ସହିତ ଗ୍ରାମବାସିଙ୍କୁ ସ୍ୱାବଲମ୍ବୀ କରାଇବା, ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ନିଜର ନର୍ସିଙ୍ଗ ଜ୍ଞାନକୁ ନେଇ ସେ ଅନେକ ଲୋକଙ୍କର ସ୍ୱାସ୍ଥ୍ୟ ସେବା କରି ପାରିଥିଲେ ଶେଷରେ ସେବାଶ୍ରମ ମଧ୍ୟରେ ଏକ ଛୋଟ ଡାକ୍ତର ଖାନା ପ୍ରତିଷ୍ଠା କରି ରୋଗୀ ସେବା କରୁଥିଲେ, କଥାରେ ଅଛି ମାନବ ସେବା ହିଁ ପ୍ରକୃତ ମାଧବ ସେବା। ମହାତ୍ମା ଗାନ୍ଧୀଙ୍କ ଦେହାନ୍ତ ପରେ ଗାନ୍ଧିଜୀଙ୍କ ବାଣୀ ତଥା କାର୍ଯ୍ୟ ଶୈଳୀକୁ ଅନୁକରଣ କରି ନିଃସ୍ୱାର୍ଥପର ସେବା ଦ୍ୱାରା ସମସ୍ତଙ୍କର ଅତି ପ୍ରିୟ ପାତ୍ର ହୋଇ ପାରିଥିଲେ । ଗ୍ରାମର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ସେମାନଙ୍କ ଶିଶୁ ମାନଙ୍କୁ ସେମାନଙ୍କ କାର୍ଯ୍ୟ ସମୟରେ ଏକ ଶିଶୁ ପାଳନ କେନ୍ଦ୍ର କରି ରଖୁଥିଲେ, ସେଠାରେ ଶିଶୁମାନଙ୍କ ଯତ୍ନ ସହିତ ପୁଷ୍ଟିକର ଖାଦ୍ୟ ଦେବାର ବନ୍ଦୋବସ୍ତ ଥିଲା ଫଳରେ ତାଙ୍କର ମା' ମାନେ ନିଶ୍ଚିନ୍ତରେ କାର୍ଯ୍ୟ କରି ନିଜେ ନିଜ ପରିବାର ପାଇଁ ଆର୍ଥିକ ସହାୟକ ହେବା ସହିତ ସ୍ୱାବଲମ୍ବୀ ହୋଇ ପାରିଥିଲେ । ଗାନ୍ଧିଜୀ କହିଥିଲେ 'ଗ୍ରାମର ଉନ୍ନତି ହେଲେ ଦେଶର ଉନ୍ନତି ହେବ, ନାରୀର ସମ୍ମାନ ବଢିଲେ ଦେଶର ସମ୍ମାନ ନିଶ୍ଚିତ ବଢିବ' । ଯାହାର ଜୀବନ ଅଛି ତାହାର ମୃତ୍ୟୁ ଧ୍ରୁବ ସତ୍ୟ, ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ଲେଖାର ତାତ୍ପର୍ଯ୍ୟ ମନେ ପଡିଯାଏ 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ' ରମ୍ଭାଦେବୀ ତାଙ୍କ କର୍ମମୟ ଜୀବନରେ ଅସହାୟ, ନିରୀହ ଜନତାଙ୍କ ପାଇଁ ଯାହା କରି ଯାଇଛନ୍ତି ତା'ର ପଟାନ୍ତର ନାହିଁ । ସେପ୍ଟେମ୍ବର ମାସ ୨୩ ତାରିଖ ୨୦୦୦ ମସିହାର ଏକ ଅଶୁଭ ମୁହୂର୍ତ୍ତରେ ରମ୍ଭାଦେବୀ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଗଲେ ଯେଉଁଠାରୁ କି କେହି କେବେ ଫେରି ଆସିବାର ନଜିର ନାହିଁ । ଏହା ମଧ୍ୟରେ ୨୩ ବର୍ଷ ବିତିଯାଇଛି, ଅନେକ ଚେଷ୍ଟା ପରେ କିଛି ସହୃଦୟ ବ୍ୟକ୍ତି ବିଶେଷ ତାଙ୍କର ସ୍ମୃତି ଚରଣ ପାଇଁ ୨୩ତମ ଶ୍ରାଦ୍ଧ ଦିବସର ଆୟୋଜନ କଟକ ସହର ସ୍ଥିତ ରାମଚନ୍ଦ୍ର ଭବନରେ ଗତ ୨୩ ତାରିଖ ସାନ୍ଧ୍ୟ ସମୟରେ ଆୟୋଜନ କରିଥିଲେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଦିବଂଗତ ରମ୍ଭା ଦେବୀଙ୍କ ସ୍ମୃତି ଚରଣ ହୋଇଥିଲା । ରମ୍ଭା ଦେବୀଙ୍କ କାର୍ଯ୍ୟ ଶୈଳୀ ଆଜି ସମସ୍ତଙ୍କ ହୃଦୟରେ ରମ୍ଭାଦେବୀଙ୍କୁ ଜୀବିତ ରଖିଛି । ତାଙ୍କ ଅଧୁରା କାର୍ଯ୍ୟକୁ ପୂରଣ କରିବାକୁ ସେବା ସମିତିର କର୍ମକର୍ତ୍ତା ବୃନ୍ଦ ଆପ୍ରାଣ ଚେଷ୍ଟିତ ଅଛନ୍ତି, ତାଙ୍କ ଜନ୍ମଦିନ ଅବସରରେ ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ।

ସମ୍ମାନ ସହ
ବରିଷ୍ଠ ନାଗରିକ, ଝାଞ୍ଜିରୀ ମଙ୍ଗଳ,
କଟକ-୭୫୩୦୦୯

## ସୁପର ଫୁଡର ପୁଷ୍ଟିଶସ୍ୟ : ଓଡ଼ିଶା ମିଲେଟ ମିଶନ

**ବିପିନ ବିହାରୀ ରାଉତ**



ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି। ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜାରଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜାରଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି। ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବ। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଯନ୍ତ୍ରଣା

**ଦିନେଶ ମେହେର**



ଜୀବନଟା ଯାକ ଜିଇଁ ଚାଲିଛି
ଯନ୍ତ୍ରଣାର ସମାଧି ଉପରେ
ଘରଟିଏ କରି !
ଆଖିର ନିଦ, ନିଦର ସ୍ୱପ୍ନ
ଆଉ ସ୍ୱପ୍ନକୁ ବାସ୍ତବ କରିବାର ସ୍ୱପ୍ନ
ଆଇନାର କାଚ ଭଳି
ଭାଙ୍ଗି ଚୂରମାର୍ ହେଇ ଚାଲିଛି
ଗରିବୀର ସଂସାର ଭିତରେ !

ତଥାପି ଆଉ କାହା ସ୍ୱପ୍ନର
ରାଜମହଲ ଗଢିବାରେ ନିଜକୁ,
ନିଜର ସମସ୍ତ ପାରିବାପଣିଆକୁ
ବାଜିରେ ଲଗେଇ ଦେଇଛି !

ଭୟ ଲାଗେ
ଅନ୍ଧାର ଭିତରେ ଅଣ୍ଡାଳି ଅଣ୍ଡାଳି
ବାଟ ଚାଲିବାକୁ,
କାଳେ ପାଦ ଯୋଡେ ଖସି ଯିବନି ତ
କେଉଁ ଏକ ଗଭୀର ଗର୍ତ୍ତ ଭିତରକୁ,

ତଥାପି ବି ତ ଜିଇଁବାକୁ ହେବ
ସେଇ କେତେଟା ଚିହ୍ନା ଜଣା
ଚେହେରା ପାଇଁ,
କିଛିଟା ସମ୍ପର୍କ ପାଇଁ,
ଆଉ ଜୀବନର ସବୁଠୁ ବଡ଼
କର୍ତ୍ତବ୍ୟ ପାଇଁ !

ଏଇଠି ତ
ଅନେକ ରାସ୍ତା ଲମ୍ବି ରହିଛି,
କାହା ପାଇଁ ବନ୍ଦ ତ
ପୁଣି କାହା ପାଇଁ ଖୋଲା !
କିନ୍ତୁ କେହି ଜଣେ ତ ଅଛି
ଚେତନାର ଅନ୍ତଃ ସ୍ୱର ଭିତରେ,
ଅଦୃଶ୍ୟ ରୂପରେ !

ସବୁକିଛି ତ ଶେଷ ହେଇନି ଏଯାଏଁ,
ଝାଟି ମାଟିର ଘର ଖଣ୍ଡିଏ ତ ଅଛି
ମୁଣ୍ଡ ଗୁଞ୍ଜିବାକୁ
ଜୀବନ ଜିଇଁବାକୁ
ଆଉ ଶାନ୍ତିରେ ସ୍ୱପ୍ନ ଦେଖିବାକୁ,
ତେବେ ବାଧା କଣ ପାଇଁ ?
ଥରେ ତ ନିଶ୍ଚୟ କରିବାକୁ ହେବ
ଅପ୍ରସ୍ତୁତେ ଜୀବନର କଳ୍ପିତ
ପ୍ରାୟଶ୍ଚିତ !

+ ପଳାସ, କଳାହାଣ୍ଡି

## ଝୁରୁଛି ତୁମକୁ

**କବିତା ପଣ୍ଡା**



ନିରିଦୟ କେବେ
ହୁଅ ନାହିଁ ତୁମେ
ଜୀବନ ସାଥି ଟେ ସାଜି ।

ରଙ୍କୁଣୀ ଟେ ଭଳି
କରେ ନିବେଦନ
ତଣ୍ଡୁଳ ମୁଠାଏ ଲାଗି ।

ତମ ମନ ତଳେ
ଠିକଣା ହଜେଇ
ଝୁରେ ମୁଁ ନିତି ଏଠି ।

କୋଉ ଦୁନିଆ ରେ
ଖୋଜୁବି ତୁମକୁ
ଥକି ପଡିଲିଣି ଆଜି ।

ତୁମ ଠାରୁ ଅବା
କିଏ ସେ ଦେଇଛି
ଏ ଜୀବନେ ସୁଖ ଭରି ।

ମନ ମୋତାଣିଆ
କିଏବା ତୋଳିଛି
ମୋ ପାଇଁ ସୁନା ପଞ୍ଜୁରୀ ।

ସବୁ ବୁଝି ଯଦି
ଅବୁଝାଟେ ସାଜି
କହି ବାର କିଛି ନାହିଁ ।

ସମୟ ଜାତନାରେ
ଚାପି ଯଦି ଯିବି
ପାରିବିନି କେବେ ଦେଖି ।

+ ମଙ୍ଗଳପୁର
ସୋର, ବାଲେଶ୍ୱର

## କବିତା କୋଣାର୍କ

## ପ୍ରେମିକା

**ଦିବାକର ନାୟକ**



ପ୍ରେମିକା ବି ଜଣେ ମାମୁଲି ମଣିଷ
ପ୍ରେମ କରେ ତାକୁ ବିଶ୍ୱ ସୁନ୍ଦରୀ
ଆଉ କା ଜୀବନେ ହସ ଭରିପାରେ
ଦିନେ ଯିଏ ଥିଲା ନାକ କାନ୍ଦୁରୀ ।

ଦିନେ ଲାଗୁଥିଲା କେଶ ତା ନୁଖୁରା
ଏବେ ସେଯେ ଘନକେଶୀ
କେବେ ଲୁଗା ଖଣ୍ଡେ ପିନ୍ଧୁଥିଲା ଏବେ
ନୂଆ ଶାଢ଼ୀ ବାରମାସୀ

ମୁକୁଳା ମନ ତା ପାଇଛି ଏବେ ତ
ପ୍ରେମିକ ହୃଦୟ ସୁନା ପଞ୍ଜୁରୀ..
ପ୍ରେମିକା ବି ଜଣେ ମାମୁଲି ମଣିଷ
ପ୍ରେମ କରେ ତାକୁ ବିଶ୍ୱ ସୁନ୍ଦରୀ ।

ଛବିଟେ ଦେବାକୁ ମନା କରୁଥିଲା
ଏବେ ପାଖେ ଆସି ବସେ
ଚାହିଁଦେଲେ ଭାରି ରାଗି ଯାଉଥିଲା
ଏବେ ମୋତେ ଦେଖି ହସେ

ଯେଉଁ କଥା ପାଇଁ ବାରଣ ଥିଲା ତା
ଦେଇଦେଲା ଆଜି ମୋତେ ମଞ୍ଜୁରୀ..
ପ୍ରେମିକା ବି ଜଣେ ମାମୁଲି ମଣିଷ
ପ୍ରେମ କରେ ତାକୁ ବିଶ୍ୱ ସୁନ୍ଦରୀ ।

+ ପାଟପୁର, କନିସି, ଗଞ୍ଜାମ
ମୋ : ୯୯୩୮୬୧୯୯୮୧

## ସଂପର୍କ ସେତୁ

**ଦୀପକ କୁମାର ନାଏକ**



ଯାହାକୁ ଆଜି ତୁ ଭାବୁଛୁ ନିଜର
ସେ ହୋଇବ କାଲି ପର
ସାତ ପର ବୋଲି ଯାହାକୁ କହୁଛୁ
ହୋଇବ ଦିନେ ସେ ନିଜର !
ରକ୍ତ ସଂପର୍କର ମାନେ ନୁହେଁ ଖାଲି
ହୁଅନ୍ତି ଖାଲି ଯେ ନିଜର
ଏମିତି ବି କିଛି ସଂପର୍କ ରହିଥାଏ
ରକ୍ତ ଠୁ ବି ଆପଣାର !

ସରିଗଲେ ସ୍ୱାର୍ଥ ରକ୍ତ ସଂପର୍କ ବି
ହୋଇଯାଏ ସାତ ପର
ସ୍ୱାର୍ଥ ଯାର ନାହିଁ ରହିଚି ରହିଥିବ
ଭାବି ନୀତି ଆପଣାର !
ସୁଖର ତ ବନ୍ଧୁ ସମସ୍ତେ ଅଟନ୍ତି
ଦୁଃଖରେ ନୁହଁନ୍ତି କେହି
ଦୁଃଖ ବେଳେ ଯେ ପାଖେ ଠିଆ ହୁଏ
ପରମ ବନ୍ଧୁଟି ସେହି
ପରମ ବନ୍ଧୁଟି ସେହି !

+ ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮



# ଅଭିନେତ୍ରୀ ତାରା ସୁତାରି : ଆଦରଙ୍କୁ ଅନାଦର, କାର୍ତ୍ତିକଙ୍କ ନିକଟତର

ବହୁ ଦିନ ଧରି ଅଭିନେତା ଆଦର ଜୈନଙ୍କ ସହ ଅଭିନେତ୍ରୀ ତାରା ସୁତାରିଆଙ୍କର ପ୍ରେମ ସମ୍ପର୍କ ଥିଲା। ନିକଟରେ ସେମାନଙ୍କ ସମ୍ପର୍କ ଭାଙ୍ଗି ଯାଇଥିବା କଥା ଜାଣିବାକୁ ମିଳିଛି। ଏହାର କାରଣ ବାବଦରେ କେହି ମୁହଁ ଖୋଲି କହୁନାହାନ୍ତି। ତେବେ ନିକଟରେ 'ନ୍ୟୁଜ୍୧୮'କୁ ଦେଇଥିବା ଏକ ସାକ୍ଷାତକାରରେ ତାରା ଏକାକୀ ଜୀବନ କାଟୁଛନ୍ତି ବୋଲି ପ୍ରକାଶ କରିଥିଲେ। ଅର୍ଥାତ୍ କାହା ସହ ସେ ସମ୍ପର୍କରେ ନାହାନ୍ତି ଏବଂ ଆଦରଙ୍କ ସହ ଥିବା ଚର୍ଚ୍ଚିତ ସମ୍ପର୍କ କୌଣସି କାରଣରୁ ଭାଙ୍ଗି ଯାଇଥିବା କଥା ପରୋକ୍ଷରେ ସୂଚନା ଦେଇଥିଲେ। ଅପରପକ୍ଷେ, ତାଙ୍କ ପ୍ରେମ ଜୀବନକୁ ନେଇ ଉଠୁଥିବା ନାନା ଗୁଜବ ସମ୍ପର୍କରେ ତାଙ୍କ ବାପାମାଆଙ୍କ ପ୍ରତିକ୍ରିୟା ବିଷୟରେ ପଚରାଯିବାରୁ ସେ କହିଥିଲେ ଯେ ତାଙ୍କ ପିତାମାତା ଖୁବ୍ ଉଦାରବାଦୀ ଓ ସବୁ କଥା ବୁଝନ୍ତି। ଥରେ ସେ ଏକଥା ମଧ୍ୟ ପ୍ରକାଶ କରିଥିଲେ ଯେ, ତାଙ୍କୁ ଏକଦା ଗୋଟିଏ ସପ୍ତାହରେ ଏକାଧିକ ବ୍ୟକ୍ତିଙ୍କ ସହ ଯୋଡ଼ାଯାଇଥିଲା। ସେତେବେଳେ ବି ତାଙ୍କ ପରିବାର ପ୍ରତିକ୍ରିୟାଶୀଳ ହୋଇ ନ ଥିଲେ। ଏଭଳି ଗୁଜବ ତାଙ୍କ ବାସ୍ତବ ଜୀବନକୁ ଅଧିକ ରୋଚକ କରିପାରିଛି। ତେବେ ଡେଟିଂ ଗୁଜବଗୁଡ଼ିକ କିଭଳି ଅସତ୍ୟ ତାହା ମଧ୍ୟ ତାରା ପ୍ରକାଶ କରିଛନ୍ତି। ଏବେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଚାଲିଥିବା ବାବଦରେ ନୂତନ ଗୁଜବ ଶୁଣିବାକୁ ମିଳିଛି। ସେମାନଙ୍କୁ ଏକାଠି ଏକ ପାର୍ଟିରୁ ବାହାରୁଥିବାର ଫଟୋ ଦେଖିବାକୁ ମିଳିଛି। ଏପରିକି ସେମାନେ ପରସ୍ପରକୁ ନିବିଡ଼ ଆଲିଙ୍ଗନ ସହ ବିଦାୟ ଦେଉଥିବା ଏବଂ କାର୍ତ୍ତିକ ନିଜ ଗାଡ଼ିରେ ତାରାଙ୍କୁ ଛାଡ଼ିବାକୁ ଯାଉଥିବାର ଫଟୋ ମଧ୍ୟ ଉକ୍ତ ଗୁଜବକୁ ଅଧିକ ଚର୍ଚ୍ଚିତ କରିଛି।




# ଜାରା ପଟେଲ ବ୍ୟଥିତ, କ୍ୟାଟ୍ରିନା ବି ଡିପ୍‌ଫେକ୍‌ର ଶିକାର

ରଶ୍ମିକା ମନ୍ଦାନାଙ୍କ ଡିପ୍‌ଫେକ୍ ଭିଡିଓକୁ ନେଇ ଏବେ ଦେଶବ୍ୟାପୀ ହଇଚଇ ସୃଷ୍ଟି ହୋଇଥିବା ବେଳେ ବ୍ରିଟିସ ଇଣ୍ଡିଆନ୍ ଇନଷ୍ଟାଗ୍ରାମ ଇନଫ୍ଲୁଏନସର ଜାରା ପଟେଲ ଏହି ପ୍ରସଙ୍ଗରେ ମଧ୍ୟ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଏଭଳି ଏକ ନକଲି ଭିଡିଓ ଘଟଣା ମୋ ନଜରକୁ ଆସିଛି ଯେଉଁଥିରେ ରଶ୍ମିକାଙ୍କ ମୁହଁ ଓ ମୋର ଶରୀର ରହିଛି। ଏହି ଭିଡିଓ ସୃଷ୍ଟିରେ ସେ ସାମିଲ ନାହାନ୍ତି। ଏହା ତାଙ୍କୁ ଗଭୀର ଭାବେ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ରଶ୍ମିକା ମନ୍ଦାନାଙ୍କ ପରେ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଡିପ୍‌ଫେକ୍ ପ୍ରଯୁକ୍ତିର ଶିକାର ହୋଇଛନ୍ତି। ଟାଇଗର-୩ ସିନେମାରେ କ୍ୟାଟ୍ରିନାଙ୍କ ଏକ ଛବିକୁ ବଦଳାଯାଇ ଭିନ୍ନ ରୂପ ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ଏହାକୁ ପ୍ରବଳ ନିନ୍ଦା କରାଯାଇଛି। ପ୍ରମୁଖ ସାମାଜିକ ଗଣମାଧ୍ୟମ କମ୍ପାନିଗୁଡ଼ିକ ପାଇଁ କେନ୍ଦ୍ର ସରକାର ଯେଉଁ ନିର୍ଦ୍ଦେଶାବଳି ଜାରି କରିଛନ୍ତି ସେଥିରେ ଭୁଲସୂଚନା, ଡିପ୍‌ଫେକ୍‌ସ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ଯାହା ନିୟମ ଉଲ୍ଲଂଘନ କରୁଛି ସେ ସଂପର୍କରେ ରିପୋର୍ଟ କରାଯିବାର ୩୬ ଘଣ୍ଟା ମଧ୍ୟରେ ସେସବୁକୁ ୨୦୨୧ ଆଇଟି ନିୟମ ଅନୁସାରେ ପ୍ରତ୍ୟାହାର କରିନେବାକୁ କୁହାଯାଇଛି। ।

# କମିଗଲା କି ଦୀର୍ଘବର୍ଷର ଦୂରତା ?: ସୋସିଆଲ୍ ମିଡିଆରେ ସଲ୍‌ମାନ ଓ ଐଶ୍ୱର୍ଯ୍ୟାଙ୍କ ଆଲିଙ୍ଗନକୁ ନେଇ ଚର୍ଚ୍ଚା

ବର୍ତ୍ତମାନ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଚାଲିଛି ଗୋଟାଏ ପରେ ଗୋଟାଏ ଦୀପାବଳି ପାର୍ଟି। ଏହି ପାର୍ଟିମାନଙ୍କରେ ଅନେକ ତାରକାଙ୍କୁ ଭିନ୍ନ ଅବତାରରେ ଦେଖିବାକୁ ମିଳୁଛି। ନିକଟରେ ମନୀଷ ମଲହୋତ୍ରାଙ୍କ ଦ୍ୱାରା ଏପରି ଏକ ପାର୍ଟିର ଆୟୋଜନ କରାଯାଇଥିଲା, ଯେଉଁଠାରେ ବଲିଉଡ୍‌ର ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱ ସଲ୍‌ମାନ ଖାନ୍ ଓ ତାଙ୍କ ପୂର୍ବ ପ୍ରେମିକା ଐଶ୍ୱର୍ଯ୍ୟା ରାୟ ଉପସ୍ଥିତ ଥିଲେ।

ବର୍ତ୍ତମାନ ସୋସିଆଲ ମିଡିଆରେ ସେହି ପାର୍ଟିର କିଛି ଫଟୋ ଓ ଭିଡିଓ ଭାଇରାଲ୍ ହେଉଛି। ସେହି ଫଟୋ ଓ ଭିଡିଓ ଦେଖି ସଲ୍‌ମାନ ଓ ଐଶ୍ୱର୍ଯ୍ୟା ପରସ୍ପରଙ୍କୁ ଆଲିଙ୍ଗନ କରୁଥିବାର ଅନୁମାନ କରାଯାଉଛି। କିଛି ଲୋକ ଏହି ଫଟୋକୁ ସଲ୍‌ମାନ ଓ ଐଶ୍ୱର୍ଯ୍ୟା ବୋଲି ବିଶ୍ୱାସ କରୁଥିବା ବେଳେ କେହି କେହି ଏହାକୁ ଫେକ୍ ବୋଲି କହୁଛନ୍ତି। ଏହି ଚିତ୍ରରେ ଲୋକଙ୍କ ଭିନ୍ନ ପ୍ରତିକ୍ରିୟା ମିଳିବାରେ ଲାଗିଛି।




ମନୀଷ ମଲହୋତ୍ରା ରଖିଥିବା ଦୀପାବଳି ପାର୍ଟିରେ ସଲମାନ ଖାନ, ଐଶ୍ୱର୍ଯ୍ୟା ରାୟ, ରେଖା, ଗୌରୀ ଖାନ, ସୁହାନା, ଖୁସୀ କପୁର, ଅନନ୍ୟା ପାଣ୍ଡେ, ବରୁଣ ଧାୱନଙ୍କ ପରି ବଲିଉଡ୍‌ର ଅନେକ ନାମୀ ଚେହେରାଙ୍କୁ ଦେଖିବାକୁ ମିଳିଥିଲା। ତେବେ କିଛି ରିପୋର୍ଟରେ କୁହାଯାଇଛି ଯେ ସଲମାନ ଖାନ ପାର୍ଟିରେ ପ୍ରବେଶ କରିବା ମାତ୍ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସେଠାରୁ ବାହାରକୁ ଚାଲି ଯାଇଥିଲେ। ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଚିତ୍ରରେ କୁହାଯାଉଛି ଯେ ସଲମାନ ଖାନ ଓ ଐଶ୍ୱର୍ଯ୍ୟା ପାର୍ଟିରେ ପରସ୍ପରକୁ ଆଲିଙ୍ଗନ କରିଥିଲେ।

ତେବେ ଦୃଶ୍ୟମାନ ହେଉଥିବା ଫଟୋରେ ଗୋଲାପୀ ସାଲୱାର ସୁଟରେ କେହି ଜଣେ ସଲମାନଙ୍କୁ ଆଲିଙ୍ଗନ କରିଛନ୍ତି। ଫଟୋରେ ସଲ୍‌ମାନ ଥିବା କଥା ସତ। ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଫଟୋରେ ଦେଖା ଯାଉଥିବା ଯୁବତୀ ଜଣକ ଐଶ୍ୱର୍ଯ୍ୟା ନୁହଁନ୍ତି, ବରଂ ଅବିକଳ ତାଙ୍କ ପରି ପୋଷାକ ପରିଧାନ କରିଥିବା ସୂରଜ ପାଞ୍ଚୋଲିଙ୍କ ଭଉଣୀ ସନା ପାଞ୍ଚୋଲି।

# କାର୍ତ୍ତିକଙ୍କ ସହ ବ୍ରେକ୍-ଅପ୍‌କୁ ନେଇ ମନ ଦୁଃଖ କରି ଏପରି କହିଲେ ସାରା



ସାରା ଅଲ୍ଲୀ ଖାନ୍ ହେଉଛନ୍ତି ବଲିଉଡ୍‌ର ଜଣେ ଲୋକପ୍ରିୟ ଅଭିନେତ୍ରୀ। ସେ ଅନେକ ସମୟରେ ଭିନ୍ନ ଭିନ୍ନ କଥାକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ଆପଣ ଜାଣିଥିବେ ନିଶ୍ଚୟ ଯେ ପୂର୍ବରୁ ସାରା ଅଲ୍ଲୀ ଖାନ୍ ଓ କାର୍ତ୍ତିକ ଆର୍ଯ୍ୟାନ ପ୍ରେମ ସଂପର୍କରେ ଥିଲେ। କରଣ ଜୋହରଙ୍କ 'କଫି ଉଇଥ୍ କରଣ'ର ଅଷ୍ଟମ ସିଜିନ୍‌ରେ ସାରା ଅଲ୍ଲୀ ଖାନ୍ ଓ ଅନନ୍ୟା ପାଣ୍ଡେଙ୍କୁ ଅତିଥି ଭାବେ ଡାକିଥିଲେ ସିନେ ନିର୍ମାତା କରଣ। ସୋ'ରେ ସାରା ଓ ଅନନ୍ୟା ଦୁହେଁ ମନ ଖୋଲି କଥା ହୋଇଥିଲେ। ଗପସପ କରିବା ଭିତରେ କରଣ ସାରାଙ୍କୁ କାର୍ତ୍ତିକଙ୍କ ସହ ସଂପର୍କକୁ ନେଇ ପ୍ରଶ୍ନ ପଚାରିଥିଲେ। ତେବେ ଏଥିରେ ଏକଦମ ଭାବପ୍ରବଣ ଉତ୍ତର ଦେଇଥିଲେ ସାରା। କରଣଙ୍କ ପ୍ରଶ୍ନ ଥିଲା, ''କାର୍ତ୍ତିକଙ୍କ ବନ୍ଧୁ ବନିରହିବା କେତେ ସହଜ'' ଉତ୍ତରରେ ସାରା କହିଥିଲେ, ''ମୁଁ ଏପରି କହିବିନି ଯେ ଏହା ସହଜ। କାରଣ ଖୁବ୍ ଛୋଟ ଶୁଭୁଛି। ଯେବେ ଆପଣ କାହାକୁ ବୃତ୍ତିଗତ ଓ ବ୍ୟକ୍ତିଗତ ସ୍ତରରେ ଭଲପାଉଛନ୍ତି ବା ତାଙ୍କ ଉପରେ ନଜର ଭାବପ୍ରବଣତା ଜମା କରୁଛନ୍ତି ତ ଫରକ ପଡ଼ିଥାଏ। ଏ ବିଷୟରେ ଏହା କୁହାଯାଇପାରିବନି ଯେ ଯାହା ହେଲା ହେଲା, କିଛି ଫରକ ପଡୁନି। ଫରକ ପଡ଼େ, ତା' ସତ୍ତ୍ୱେ ବି ଆମକୁ ଆଗକୁ ବଢ଼ିବାକୁ ହୋଇଥାଏ।'' ତାଙ୍କର ଆହୁରି ଏକ କହିବା କଥା ହେଲେ ଗ୍ଲାମର ଦୁନିଆରେ କେହି କାହାରି ଲମ୍ବା ସମୟ ଧରି ବନ୍ଧୁ ହୋଇପାରିବେ ନାହିଁ। କାହାର ସଂପର୍କକୁ ନେଇ ଆପଣ ଭବିଷ୍ୟବାଣୀ କରି ପାରିବେନି କେବେ ବି।

# ବିଦେଶରେ ଆଣ୍ଠୁର ସର୍ଜରୀ କରାଇଲେ ସୁପରଷ୍ଟାର ପ୍ରଭାସ

ସାଉଥ ଫିଲ୍ମ ସହ ବଲିଉଡ୍ ଫିଲ୍ମ କରି ସୁପରଷ୍ଟାର ପ୍ରଭାସ ନିଜ ଅଭିନୟର ଦକ୍ଷତା ପ୍ରମାଣ କରିଛନ୍ତି। ଆଦିପୁରୁଷ ଅଭିନେତା ପ୍ରଭାସ ବର୍ତ୍ତମାନ 'ପ୍ରୋଜେକ୍ଟ କେ', 'ସାଲାର ପାର୍ଟ ୧ : ସିଜଫାୟାର', 'ରାଜା ଡିଲକ୍ସ' ଏବଂ 'ସ୍ପିରିଟ' ଭଳି ଅନେକ ଚଳଚ୍ଚିତ୍ରରେ ବ୍ୟସ୍ତ ଅଛନ୍ତି। ଏସବୁ ମଧ୍ୟରେ ସମୟ ବାହାର କରି ଅଭିନେତା ତାଙ୍କର ଆଣ୍ଠୁର ସର୍ଜରୀ କରାଇଥିବା ଜଣାପଡ଼ିଛି। କିଛି ବର୍ଷ ତଳେ ତାଙ୍କର ଆଣ୍ଠୁ ସମସ୍ୟା ବାହାରିଥିବା ବେଳେ ଲଗାତାର କାମ କରୁଥିବାରୁ ତାଙ୍କର ସମସ୍ୟା ଆହୁରି ବଢ଼ିଥିଲା। ଏହାର ଚିକିତ୍ସା ପାଇଁ ନିକଟରେ ପ୍ରଭାସ ତାଙ୍କର ଆଣ୍ଠୁ ସର୍ଜରୀ କରାଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ସେ ୟୁରୋପ ଯାଇଥିବା ବେଳେ ସେଠାରେ ତାଙ୍କର ସର୍ଜରୀ କରାଯାଇଥିଲା। ଏବେ ଏକ ସଫଳ ଅସ୍ତ୍ରୋପଚାର ପରେ ପ୍ରଭାସ ଭାରତ ଫେରିଛନ୍ତି। ପ୍ରଭାସଙ୍କର କିଛି ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ସେ ବିମାନବନ୍ଦରରୁ ବାହାରି ଘର ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଛି। ଏହି ସମୟରେ ସେ କଳାରଙ୍ଗର ପୋଷାକ ପିନ୍ଧିଥିବା ବେଳେ ମୁହଁରେ ମାସ୍କ ପିନ୍ଧିଥିବାର ନଜର ଆସିଛନ୍ତି। ପ୍ରଭାସଙ୍କ ପେସାଦାର ଜୀବନ ବିଷୟରେ କହିବାକୁ ଗଲେ ସେ ବର୍ତ୍ତମାନ 'ସାଲାର' ରିଲିଜକୁ ଅପେକ୍ଷା କରିଛନ୍ତି। ପ୍ରଭାସଙ୍କ କ୍ୟାରିୟର ପାଇଁ ଏହି ଚଳଚ୍ଚିତ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ, ଅଭିନେତାଙ୍କ ପୂର୍ବ ଚଳଚ୍ଚିତ୍ର 'ଆଦିପୁରୁଷ' ବକ୍ସ ଅଫିସରେ ଆଶା ଅନୁଯାୟୀ ଆୟ କରିନଥିଲା। ଏବେ 'ସାଲାର'କୁ ନେଇ ଆଶାବାଦୀ ଅଛନ୍ତି ପ୍ରଭାସ।



# ରଶ୍ମିକାଙ୍କ 'ଡିପ୍‌ଫେକ୍' ଭିଡିଓକୁ ନେଇ ରାଗିଲେ ତଥାକଥିତ ପ୍ରେମିକ ବିଜୟ: କଲେ କାର୍ଯ୍ୟାନୁଷ୍ଠାନ ଦାବି

ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ତାଙ୍କ ତଥାକଥିତ ପ୍ରେମିକ ବିଜୟ ଦେବରକୋଣ୍ଡାଙ୍କୁ ନେଇ ଅତୀତରେ ଅନେକ ଥର ଚର୍ଚ୍ଚା ହୋଇଛି। ନିକଟରେ ଅଭିନେତ୍ରୀ ତାଙ୍କର 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏହି ଘଟଣାକୁ ନେଇ ଏବେ ମୁହଁ ଖୋଲିଛନ୍ତି ବିଜୟ। ସେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାଇବର ପୁଲିସ୍‌କୁ ଆହୁରି ମଜବୁତ୍ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଜୟ ତାଙ୍କର ଇନ୍‌ଷ୍ଟା ଷ୍ଟୋରିରେ ଏପରି କହିଥିବା ଦେଖିବାକୁ ମିଳିଛି। ଭବିଷ୍ୟତ ପାଇଁ ଏହା ଏକ ଜରୁରୀ ପଦକ୍ଷେପ। ଏପରି କାହା ସହିତ ବି ହୋଇପାରେ ବୋଲି ବିଜୟ କହିଛନ୍ତି। ସେହି କାରଣରୁ ଏପରି ଘଟଣାକୁ ତୁରନ୍ତ ରୋକିବା ସହ ଅପରାଧୀମାନଙ୍କୁ ଉଚିତ ଦଣ୍ଡଦେବାକୁ ଖୁବ୍ ଶୀଘ୍ର ହିଁ ସାଇବର ୱିଙ୍ଗ୍ ବନାଇବା ଉଚିତ ବୋଲି ମତ ରଖିଛନ୍ତି ବିଜୟ। ଆପଣ ଜାଣନ୍ତି ଯେ ଅନେକ ଦିନ ହେବ ବିଜୟ ଓ ରଶ୍ମିକାଙ୍କ ଡେଟିଂ ଚର୍ଚ୍ଚା ହେଉଛି। ନିକଟରେ ଦୁହେଁ ଛୁଟି କାଟିବାକୁ ବାହାରକୁ ଯାଇଥିବା ବି ଶୁଣା ହେଉଥିଲା। ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ବିକୃତ କରାଯିବା ଘଟଣାରେ ଗତକାଲି ବିଗ୍ ବି ଅମିତାଭ ବଚ୍ଚନଙ୍କ ସମେତ ଅନ୍ୟ ଅଭିନେତାମାନେ ଚିନ୍ତା ପ୍ରକଟ କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇ ଭିଡିଓକୁ କିଭଳି ଭିନ୍ନ ରୂପ ଦିଆଯାଉଛି ତାହାକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ଇଣ୍ଟରନେଟରେ ରଶ୍ମିକା ମନ୍ଦାନାଙ୍କର ଏକ ଭିଡ଼ିଓ ଟ୍ରେଣ୍ଡ୍ ହୋଇଥିଲା। ଏହାପରେ ଜଣା ପଡ଼ିଥିଲା ଯେ ସଂପୃକ୍ତ ଭିଡିଓଟି ବ୍ରିଟିସ-ଇଣ୍ଡିଆନ୍ ଇନଫ୍ଲୁଏନସର ଜାରା ପଟେଲଙ୍କର। 'ଡିପଫେକ୍' ପ୍ରଯୁକ୍ତି ବ୍ୟବହାର କରି ଉକ୍ତ ଭିଡିଓ ପ୍ରସ୍ତୁତ କରାଯାଇଛି। ପଟେଲଙ୍କ ମୁହଁ ସ୍ଥାନରେ ମନ୍ଦାନାଙ୍କ ମୁହଁ ଲଗାଯାଇଛି। ଏହା ରଶ୍ମିକା ମନ୍ଦାନାଙ୍କୁ ଗଭୀର ଆଘାତ ଦେଇଥିଲା।



# ଇଫକୋ ପରିସରରେ ଆୟୁର୍ବେଦ କନ୍‌କ୍ଲେଭ-୨୦୨୩ ଅନୁଷ୍ଠିତ




ପାରାଦୀପ, ୦୯/୧୧ (ନି.ପ୍ର): ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଓଡିଶାର ପ୍ରତିଷ୍ଠିତ ଆୟୁର୍ବେଦ ନିର୍ମାଣକାରୀ ସଂସ୍ଥା ଦିଶା ଆୟୁର୍ବେଦ ଏବଂ ବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ମିଳିତ ସହଯୋଗରେ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ-୨୦୨୩ ପାଳିତ ହୋଇଯାଇଛି। ଇଫକୋ ପରିସରରେ ଥିବା ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ଏହି କନ୍‌କ୍ଲେଭକୁ ଇଫକୋର ୟୁନିଟ୍ ହେଡ୍ ତଥା ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ୍, ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ତଥା ଇଫକୋ ପାରାଦୀପ ୟୁନିଟ୍‌ର ପ୍ରଥମ ମହିଳା ମମତା ପଟେଲ୍ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୁଗ୍ମ ସାଧାରଣ ପ୍ରବନ୍ଧକ(ପି ଆଣ୍ଡ ଏ) କେ.ମୋହନ ରାଓ ଏବଂ ଇଫକୋ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ମହାନ୍ତି ଯୋଗ ଦେଇଥିଲେ । ଦିଶା ଆୟୁର୍ବେଦର ନିର୍ଦ୍ଦେଶକ ତଥା ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଡ. ଦେବଦତ୍ତ ସାମନ୍ତରାୟ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ଚଳିତ ବର୍ଷର ବିଷୟ ବସ୍ତୁ ସାମଗ୍ରୀକ ସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ ଶୀର୍ଷକରେ ବିଷଦ ଭାବେ ଆଲୋଚନା କରିଥିଲେ । ଆୟୁର୍ବେଦ ଦ୍ୱାରା ମାନସିକ ରୋଗ ନିୟନ୍ତ୍ରଣ ଶୀର୍ଷକରେ ଦିଶା ଆୟୁର୍ବେଦ ଏବଂ ପଂଚକର୍ମ ହସ୍ପିଟାଲ,ଇଫକୋ ଛକର ଚିକିତ୍ସାଧିକାରୀ ଡା. ସ୍ୱାତୀ କୁଲାଲ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଇଫକୋର ଅଧିକାରୀ, ଦିଶା ଆୟୁର୍ବେଦ ସଂସ୍ଥାର କର୍ମକର୍ତ୍ତାଙ୍କ ସମେତ ଲୋକ ସମ୍ପର୍କ ଅଧିକାରୀ ତଥା ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଇଫକୋର ଅଧିକାରୀ, କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# କ୍ରେଟ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଲେ ନରସିଂହ

ବଲାଙ୍ଗିର, ୦୯/୧୧ (ନି.ପ୍ର): ଅମଳ ପରବର୍ତ୍ତି ପରିଚାଳନା ଓ ଉଦ୍ୟାନ କୃଷିର ଅମଳ ପରବର୍ତ୍ତି ବିପଣନରେ ସହାୟତା ମାଧ୍ୟମ ରେ ଯୋଜନା ମୁତାବକ ସ୍ୱୟଂ ସହାୟକା ଗୋଷ୍ଠି ହେଉ କିମ୍ବା ଚାଷୀମାନଙ୍କୁ ହେଉ ଅମଳ ପରେ ବିପଣନରେ ସହାୟତା ପାଇଁ କ୍ରେଟ୍ ବଣ୍ଟନ ଦ୍ୱାରା ଚାଷୀ ଲାଭାନ୍ୱିତ ହେବ ବୋଲି ଆଜିର କାର୍ଯ୍ୟକ୍ରମରୁ ଜଣାପଡୁନାହିଁ କାରଣ ଚାଷୀଙ୍କୁ ଗୋଟିଏ କ୍ରେଟ ଯାହାକି ୪୪୦ ଟଙ୍କା ୯୦ ପ୍ରତିଶତ ରିହାତି ମୂଲ୍ୟରେ ପ୍ରଦାନ କରାଯାଉଛି କିନ୍ତୁ ଚାଷୀ ଦୂର ଦୂରନ୍ତରୁ ଆସି ସେ ଯେତେ ଖର୍ଚ୍ଚାନ୍ତ ହେଉଛି ରିହାତି ପାଉଥିବା ମୂଲ୍ୟ ଠାରୁ ବେଳେ ବେଳେ ତାର ଖର୍ଚ୍ଚ ଅଧିକ ମଧ୍ୟ ହୋଇଯାଇପାରେ ତେଣୁ ଚାଷୀଙ୍କ ହିତ ପାଇଁ କରାଯାଉଥିବା ଏହି କାର୍ଯ୍ୟକ୍ରମ ଏପରି ଭାବେ ପରିଚାଳନା କଲେ ଏହା ବହୁ ଆଡମ୍ବର ରେ ଲଘୁକ୍ରିୟା ସଦୃଶ ହେବ ବୋଲି ଆଜି ବିଭାଗ ଦ୍ୱାରା ଏ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ବଲାଙ୍ଗିର ସଦର ବ୍ଲକ ର ସମ୍ମିଳନ କକ୍ଷରେ ଅନୁଷ୍ଠିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ହିତାଧିକାରି ମାନଙ୍କ ପାଇଁ ଏହି ଯୋଜନା ତିଆରି ହୋଇଛି ତାଙ୍କର ଉପସ୍ଥିତି ଅତି ନଗନ୍ୟ । ଯେଉଁ କିଛି ଲୋକ ବି ଅଛନ୍ତି ଆଲୋଚନା କରିବାରୁ ଜଣାଯାଉଛି ସେଥିରୁ ଅଦ୍ଧାଧିକ ଲୋକ ଚାଷ କରୁନାହାନ୍ତି । ଏହା ମଧ୍ୟ ଶତ ଯେ ଏହି ଯୋଜନା ଯେତେ ପର୍ଯ୍ୟନ୍ତ ହିତାଧିକାରୀମାନଙ୍କ ଦ୍ୱାରକୁ ଦ୍ୱାର, ଗାଁ କିମ୍ବା ପଂଚାୟତକୁ ଯାଇ ବିଭାଗ ତରଫରୁ କ୍ରେଟ ବଣ୍ଟନ କରାନଯିବ ସେ ପର୍ଯ୍ୟନ୍ତ ଚାଷୀ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ପ୍ରକୃତ ଲାଭ ପାଇପାରିବେ ନାହିଁ । ତେଣୁ ଉଦ୍ୟାନ କୃଷି ବିଭାଗ ଆଜି ଏଠାରେ ନିଷ୍ପତ୍ତି କରୁ ଯେ ପଂଚାୟତ କିମ୍ବା ଗାଁ ସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟନ୍ୱୟନ କରୁ । ଆଲୋଚନା ବେଳେ ବିଭିନ୍ନ ଚାଷୀମାନେ ଉପସ୍ଥିତ ଥିବା କିଛି ଚାଷୀଙ୍କୁ ତାଙ୍କ ଚାଷ ଏବଂ ଏହାକୁ ନେଇ ହେଉଥିବା ଲାଭ ବାବଦରେ ବିଧାୟକ ଶ୍ରୀ ମିଶ୍ର ପଚାରି ବୁଝିଥିଲେ । ଯୋଜନା ମୁତାବକ ବିଭିନ୍ନ ବ୍ୟାଙ୍କ ଚାଷୀଙ୍କୁ ଋଣ ଦେଉଥିବା ବେଳେ ସେମାନେ ପାଉଥିବା ସବ୍ ?ସିଡି ୪୦% ଠିକ୍ ସମୟରେ ଜମା ହେଉ ନ ଥିବାରୁ ଚାଷୀ ସମ୍ପୂର୍ଣ୍ଣ ଋଣ ପରିମାଣ ଉପରେ ସୁଧ ସବ୍ ?ସିଡି ପରିମାଣରୁ ଅଧିକ ହେଉଯାଉଥିବାର ଜଣାପଡିଥିଲା । ତେଣୁ ଏହି ଦିଗରେ ବ୍ୟାଙ୍କ ହେଉ କି ଅଧିକାରୀ ହୁଅନ୍ତୁ ଯତ୍ନବାନ ହୋଇ କାମ କରିବା ଉଚିତ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଉଦ୍ୟାନ କୃଷି ବିଭାଗ ଉପ-ନିର୍ଦ୍ଦେଶକ ପ୍ରମୋଦ ସେଠୀ, ବିଭାଗୀୟ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ମେହେର, ପ୍ରଜିତା ପୁରୋହିତ, ରୁପାଲି ଖୁଆସ ଙ୍କ ସହ ଜୁଲୁ ପଟ୍ଟନାୟକ, ସରୋଜ ରଥ, କୈଳାସ ମିଶ୍ର ତଥା କିଛି ସ୍ୱୟଂ ସହାୟକ ଗୋଷ୍ଠି ଉପସ୍ଥିତ ଥିଲେ ।

# ନୀଳଗିରି ଜଗନ୍ନାଥ ମନ୍ଦିର ଉନ୍ନତିକରଣ କାର୍ଯ୍ୟରେ ସମୀକ୍ଷା କଲେ ବିଧାୟକ ଓ ବିଭାଗୀୟ ଅଧିକାରୀ



ନୀଳଗିରି , ୦୯/୧୧ (ନି.ପ୍ର): ନୀଳଗିରି ଜଗନ୍ନାଥ ମନ୍ଦିର ବିକାଶ ଓ ଉନ୍ନତି କରଣ ପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କା ମଞ୍ଜୁର କରିଥିବା ଅନୁଦାନ ଅର୍ଥର ସଠିକ ବିନିଯୋଗ ଓ ରୂପରେଖ ସମ୍ପର୍କରେ ବୁଧବାର ମଧ୍ୟାହ୍ନରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ବାଲେଶ୍ୱର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବଙ୍କିମ ପଣ୍ଡା ନୀଳଗିରି ଜଗନ୍ନାଥ ମନ୍ଦିର ପହଞ୍ଚି ସାମଗ୍ରିକ ବିକାଶ ପାଇଁ ମନ୍ଦିର ଚତୁରପାର୍ଶ୍ୱ ପରିସରରେ ବୁଲି ଦେଖିବା ସହ ଉନ୍ନତିକରଣର ସମ୍ପର୍କରେ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବିଭାଗର ଏସ୍‌ଡ଼ିଓ ଜ୍ୟୋତିପ୍ରକାଶ ପଣ୍ଡା , କନିଷ୍ଠ ଯନ୍ତ୍ରୀ ଜୀବନ ଦେ ଓ ଠିକାଦାର ସୁମନକଲ୍ୟାଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ୫-ଟି ଯୋଜନାରେ ମଠ, ମନ୍ଦିର, ମସଜିଦ, ଚର୍ଚ୍ଚ ପ୍ରମୁଖ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମାନଙ୍କର ପୁନଃରୁଦ୍ଧାର ନିମନ୍ତେ କୋଟି କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ନୀଳଗିରି ଜଗନ୍ନାଥ ମନ୍ଦିରର ପାଚେରୀ ନିର୍ମାଣ, ମନ୍ଦିର ମଧ୍ୟସ୍ଥ ପୋଖରୀର ପଙ୍କୋଦ୍ଧାର ସହ ପୋଖରୀ ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ପାଦ ପ୍ରଖ୍ୟାଳନ, ଲାଇଟ୍ ବ୍ୟବସ୍ଥା ସହ ମନ୍ଦିର ବେଢ଼ା ପାର୍ଶ୍ୱଦେବ ଦେବୀଙ୍କ ରଙ୍ଗ ଦେବା, ଆପ୍ରୋଚ ରୋଡ ନିର୍ମାଣ ଆଦି ବିଭିନ୍ନ ପାରିପାର୍ଶ୍ୱିକ ଉନ୍ନତି କରଣ ପାଇଁ ଏକ କୋଟି ଟଙ୍କା ମଞ୍ଜୁର କରାଯାଇ କାମ ଚାଲୁ ରହିଛି।

## ବୃଦ୍ଧଙ୍କୁ ହାଣିଦେଲା ନିଶାସକ୍ତ ଯୁବକ

ଭୁବନେଶ୍ୱର, ୦୯/୧୧ (ନି.ପ୍ର): ବୃଦ୍ଧଙ୍କୁ କୁରାଢିରେ ହାଣିଦେଲା ନିଶାସକ୍ତ ଯୁବକ । ଏଭଳି ଅଭାବନୀୟ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାଇଲୋ ପଞ୍ଚାୟତ ହିତରଣା ଗ୍ରାମରେ। ହିତରଣା ଗ୍ରାମର ବଟକୃଷ୍ଣ ବିଶ୍ୱାଳଙ୍କ ପୁଅ ସୁବାଷ ବିଶ୍ୱାଳ ସେହି ଗ୍ରାମର ୫୫ବର୍ଷ ବୟସ୍କ ବିନୋଦ ଦାସଙ୍କୁ ଗାଁଦାଣ୍ଡରେ ଅତର୍କିତ ଆକ୍ରମଣ କରି କୁରାଢୀରେ ମୁଣ୍ଡକୁ ହାଣି ଦେଇଥିଲା। ଆକ୍ରମଣ ବେଳେ ଯୁବକକୁ ଅଟକାଇବାକୁ ଯାଇଥିବା ତାର ଭାଉଜ ଜାନକୀ ବିଶ୍ୱାଳ ଓ ବିଷ୍ଣୁ ଚରଣ ପଲେଇ ନାମକ ଜଣେ ବ୍ୟକ୍ତିଙ୍କୁ ହାଣିଦେଇଛି ସୁବାଷ ।

# ବାର୍ଷିକ ଯୁବକ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ




ଭଦ୍ରକ , ୦୯/୧୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟର ଉଚ୍ଚ ଶିକ୍ଷାବିଭାଗ ଆନୁକୂଲ୍ୟରେ ଯୁବ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଅଛି । ପ୍ରାରମ୍ଭରେ ପରିଚ୍ଛଳନା ସମିତିର ନବ ନିଯୁକ୍ତ ସଭାପତି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡଃ ସଦାନନ୍ଦ ଦୀକ୍ଷିତ ଓ ସଦସ୍ୟା ଶ୍ରୀମତୀ ମୀନାକ୍ଷୀ ମହାନ୍ତି, ଡା. ଜରିମୁନ୍ ନେସା, ବସୁମିତ୍ରା ସାହୁ, ନବକିଶୋର ପାଣି ପ୍ରଭୃତି ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଡଃ ସଦାନନ୍ଦ ଦୀକ୍ଷିତ କହିଥିଲେ ଯେ ଜୀବନ ବିକାଶରେ କ୍ରୀଡ଼ା ହେଉଛି ଅନ୍ୟତମ ପୁରୁଷାର୍ଥ। ସଂସ୍କୃତଭାଷା ବଳରେ ହିଁ ଭାରତ ବିଶ୍ୱ ଗୁରୁ ହେବାରେ ସମର୍ଥ ହେବ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଯେଉଁ ସଂସ୍କୃତ ସମାଚାର ପତ୍ର ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଶ୍ରୀମତୀ ମୀନାକ୍ଷୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ନୀତିନିଷ୍ଠ ଜୀବନଯାପନ ନିମିତ୍ତ ଆହ୍ୱାନ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ପ୍ରମୋଦ କୁମାର ନାୟକ କ୍ରୀଡ଼ାହିଁ ଶରୀର ଓ ମନର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଆଜିଠାରୁ ଉକ୍ତ କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ ହେଉଥିବାରୁ ଅନ୍ୟ ବକ୍ତାମାନେ ଉଚ୍ଚଶିକ୍ଷା ବିଭାଗକୁ ସାଧୁବାଦ ଅର୍ପଣ କରିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା କାର୍ଯ୍ୟକ୍ରମକୁ ସୁଚ୍ଛରୁ ରୂପେ ପରିଚ୍ଛଳନା କରିଥିଲେ। ଉକ୍ତ ସଭାରେ ଶ୍ରୀମତୀ ଗାୟତ୍ରୀ ମହାନ୍ତି, ମଞ୍ଜୁଲତା ମହାପାତ୍ର, ଗୌରାଙ୍ଗ ଦାସ ଓ ରଘୁନାଥ ନାୟକ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ପ୍ରଧାନ ପଣ୍ଡିତ ଅକ୍ଷୟ ପାଣିଗ୍ରାହୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ ହୋଇଥିଲା।

# ଇରି ତରଫରୁ କ୍ଷେତ୍ର ଦିବସ ପାଳନ

ବଲାଙ୍ଗୀର , ୦୯/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ କୃଷି ଓ କୃଷକ ଶସକ୍ତ ମନ୍ତ୍ରଣାଳୟ ଓ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ପୁଇଁତଲା ବ୍ଲକ ସାନ ବୃକାବାହାଲ ଠାରେ କ୍ଷେତ୍ର ଦିବସ ପାଳନ କରାଯାଇଥିଲା। ସୂଚାଇ ଦିଆଯାଏ ଯେ, ଏହି ଗ୍ରାମରେ ଇରି ତରଫରୁ ୨୧ ପ୍ରକାର ନୂଆ ପ୍ରକାରର ଧାନ କ୍ଷେତ୍ର ପରିକ୍ଷଣ କରାଯାଇଥିଲା । ସଭା କାର୍ଯ୍ୟକ୍ରମ ପରେ ଉପସ୍ଥିତ ଅଧିକାରୀ, ମହିଳା ଓ ପୁରୁଷ ଚାଷୀ ସମସ୍ତେ କ୍ଷେତ୍ର ପରିଦର୍ଶନ କରିଥିଲେ। ବଲାଙ୍ଗୀର ଜିଲ୍ଲା ପାଇଁ ଇରି ଅଧିକାରୀ ଦିଲିପ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ,ପୁଇଁତଲା ବ୍ଲକ କୃଷି ଅଧିକାରୀ ସ୍ୱସ୍ତିକ ପଣ୍ଡା, ବିହନ ମଣିଷ ଭାବେ ପରିଚିତ ଅବସରପ୍ରାପ୍ତ ସିଆରଆରଆଇ ନିର୍ଦ୍ଦେଶକ ଡ ରବୀନ୍ଦ୍ର କୁମାର ସାହୁ, ଇରି ବୈଜ୍ଞାନିକ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରିବର୍ତ୍ତନ ସହ ଚାଷ ଓ ବିହନ ଆପଣେଇବା ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ, ଅଧିକ ଅମଳ, ରୋଗପୋକ ପ୍ରତିରୋଧ ଓ ମରୁଡି ସହନଶୀଳ ତଥା ବଜାର ଆବଶ୍ୟକତା କୁ ଦେଖି କୃଷି ବୈଜ୍ଞାନିକ ନୂଆ ନୂଆ କିସମ ଧାନ ବିହନ ବାହାର କରୁଛନ୍ତି ।ଏହି କିସମ ଚାଷ ସଂପର୍କରେ ଆଦୃତି ବଢାଇବା କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ସେହିପରି ଶ୍ରୀ ଦିଲୀପଙ୍କ ସୂଚନା ଅନୁସାରେ, ୪ କିସମ ଯାହା ଜିଙ୍କ୍ ଓ ପ୍ରୋଟିନ୍ ମାତ୍ରା ଅଧିକ ଅଛି। ଏଥିରୁ ୪ଟା କିସମରେ କିଲୋଗ୍ରାମ ପ୍ରତି ୨୭ମିଲି ଗ୍ରାମ ଜିଙ୍କ୍ ଓ ୭ରୁ ୯ ମିଲି ଗ୍ରା ପ୍ରୋଟିନ୍ ଅଛି । ଯାହା କୁପୋଷଣ ଦୂର କରିବାରେ ସହାୟକ ହେବ ବୋଲି ବକ୍ତବ୍ୟ ରଖି ଆଗାମୀ ସମୟରେ ଅଧିକ ଚାଷ ପାଇଁ ଆହ୍ୱାନ କରିଥିଲେ। ଗାଁ ର ପାଣି ପଞ୍ଚାୟତର ଚାଷୀ, ପୁଇଁତଲା କୃଷକ ଉତ୍ପାଦକ କମ୍ପାନୀ ଓ ଏସଏଚଜି ସଦସ୍ୟା ଅଂଶଗ୍ରହଣ କରିଥିଲେ।

# ବିଜେପି ବାରିପଦା ନଗରର ନୂତନ କମିଟି ଘୋଷଣା



ବାରିପଦା , ୦୯/୧୧ (ନି.ପ୍ର): ସ୍ଥାନୀୟ ବଜାର ଇଣ୍ଡିଆ କନଫରେନ୍ସ ହଲରେ ନଗର ମଣ୍ଡଳର ପୂର୍ବତନ ସଭାପତି ନିରଞ୍ଜନ ଦାସ ଓ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପସ୍ଥିତ ଥିବା ମଞ୍ଚାସୀନ ଅତିଥି ବିଜେପି ସାଧାରଣ ସମ୍ପାଦକ ବିଜୟ ଦାସ,ଏସ.ଟି ମୋର୍ଚ୍ଚା ସଭାପତି ଫାଗୁ ହାଁସଦା, କାଉଁସିଲର ଲକ୍ଷ୍ମୀଧର ହାଉଡ଼ା, ରାଜ ଗୁପ୍ତା, ଲକ୍ଷ୍ମୀ ସାହୁ, ମମତା ମଣ୍ଡଳ, ଶୋଭାବତୀ ହୋତା, ସୁମନ ସାହୁ ପ୍ରମୁଖ ଯୋଗଦେଇ ବୁଥ କମିଟିର ପୂର୍ଣ୍ଣାଙ୍ଗ ଆଲୋଚନା କରିଥିଲେ। ଏହି ଅବସରରେ ନଗର କମିଟିର କର୍ମକର୍ତ୍ତା ଚୟନ କରାଯାଇଥିବା ବେଳେ, ନୂତନ ସଭାପତି ଭାବେ ନିରଞ୍ଜନ ଦାସ, ଉପସଭାପତି ମାନସ ସାହୁ, କିଶର ମହାପାତ୍ର, ପ୍ରକାଶ ପୃଷ୍ଟି, ଗାୟତ୍ରୀ ପରିଡା, ଉର୍ମିଳା ରାୟ, ସଞ୍ଜୟ ପଟନାୟକ, ସାଧାରଣ ସମ୍ପାଦକ ଭାବେ ପୁରୁଷୋତ୍ତମ ସେଠି, ଇନ୍ଦୁଭୂଷଣ ଜେନା, ସମ୍ପାଦକ ଭାବେ ଚିତ୍ତରଞ୍ଜନ ଶତପଥି, ଯୋଶଦାରାଣୀ ଦାସ, ଦିପାଳୀ ନାୟକ, ଶ୍ରଦ୍ଧାଞ୍ଜଳି ପଣ୍ଡା, ସତ୍ୟବାଦୀ ବେହେରା, କୋଷାଧକ୍ଷ ଭାବେ ସତ୍ୟରଞ୍ଜନ ବେହେରା, ସେହିପରି ମୋର୍ଚ୍ଚା କମିଟିର ଯୁବମୋର୍ଚ୍ଚା ସଭାପତି ଭାବେ ସୁବ୍ରତ ମୁଖୀ, ଅବିସି ମୋର୍ଚ୍ଚା ସଭାପତି କଳ୍ପତରୁ ରାୟବାବୁ, ମହିଳାମୋର୍ଚ୍ଚା ସଭାପତି ସସ୍ମିତା ପୃଷ୍ଟି, କୃଷକ ମୋର୍ଚ୍ଚା ସଭାପତି ହରିନାରାୟଣ ମିଶ୍ର, ଏସ. ଟି. ମୋର୍ଚ୍ଚା ସଭାପତି ଦିପୁ ମୁର୍ମୁ, ଏସ.ସି. ମୋର୍ଚ୍ଚା ସଭାପତି ବରେନ୍ଦ୍ର ପାତ୍ର ଓ ମାଇନରିଟି ମୋର୍ଚ୍ଚା ସଭାପତି ଏସ.କେ ନାସିର ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ୪୫ଜଣଙ୍କ ନାମ ଘୋଷଣା କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାୟଲ ରାୟ, ଗଣେଶ ବେହେରା, ନରେନ୍ଦ୍ର ସିଂ, ରସିକାନନ୍ଦ ମିଶ୍ର, ଦେବାନନ୍ଦ ମୁର୍ମୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚମ୍ପୁଆରେ ହାତୀ ଉତ୍ପାତ : ପତଳା ଗ୍ରାମର ଚାଷୀ ଘେରିଲେ ରେଞ୍ଜ ଅଫିସ

ଚମ୍ପୁଆ, ୦୯/୧୧ (ନି.ପ୍ର): ଚମ୍ପୁଆ ରେଞ୍ଜ ରଜିଆ, ପତଳା ଜଙ୍ଗଲରେ ଏକ ସପ୍ତାହରୁ ଅଧିକ ହେବ ହାତୀ ଗାଁ ଛାଡି ଯିବାର ନାଁ ଧରୁ ନାହାନ୍ତି । ଦୈନିକ ହାତୀ ପାଦତଳେ ଉଜୁଡୁଛି ଏକର ଏକର ଫଳନ୍ତି ଧାନ କ୍ଷେତ । ୪୨ ଟିକିଆ ହାତୀ ପଲ ପାଇଁ ଚିନ୍ତାରେ ରହିଛନ୍ତି ଚାଷୀ । ମୁଣ୍ଡ ଝାଳ ତୁଣ୍ଡରେ ମାରି ସୁନା ଫଳାଇଥିବା ଧାନ ବିଲ ହାତୀ ପାଦତଳେ ଉଜୁଡି ଯାଉଥିବା ଦେଖି ପତଳା ଗ୍ରାମର ଚାଷୀ ଅନ୍ୟ ଉପାୟ ନ ପାଇ ଆଜି ଚମ୍ପୁଆ ରେଞ୍ଜ ଅଫିସରେ ରେଞ୍ଜରଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।ହାତୀ ପଲ ଧାନ ଅମଳ ସମୟରେ ଉତ୍ପାତ ଜାରି ରଖିଥିବା ବେଳେ ଏବେ ଚାଷୀଙ୍କ ପାଇଁ ମୁଣ୍ଡ ବଥାର କାରଣ ସାଜିଛନ୍ତି ହାତୀ ପଲ। ବନ ବିଭାଗ ହାତୀ ଘଉଡ଼େଇବାରେ ସମ୍ପୁର୍ଣ୍ଣ ବିଫଳ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚମ୍ପୁଆ ବ୍ଲକ ପତଳା ନିକଟବର୍ତ୍ତି କାଳିକା ପ୍ରସାଦ ରିଜର୍ଭ ଜଙ୍ଗଲରେ ଏକ ସପ୍ତାହରୁ ୪୨ ଟିକିଆ ହାତୀ ପଲ ଆଡ୍ଡା ଜମାଇଥିବା ବେଳେ ସନ୍ଧ୍ୟା ହେଲା ମାତ୍ରେ ଗ୍ରାମର ଆଖ ପାଖ ଧାନ ବିଲ ମାଡି ଚକଟି ନଷ୍ଟ କରୁଛନ୍ତି। ଚାଷୀଙ୍କ ଆଖି ଆଗରେ ତାଙ୍କ ସୁନା ଫଳିଥିବା ଧାନ କ୍ଷେତ ଉଜୁଡି ଯାଉଥିବା ଦେଖି ଚାଷୀ ମହଲରେ ଅସନ୍ତୋଷ ପୁଞ୍ଜିଭୂତ ହୋଇଛି । ବନ ବିଭାଗ ହାତୀ ଘଉଡ଼େଇବାରେ ବିଫଳ ହେବା ନେଇ ଆଜି ଗ୍ରାମବାସୀ ଚମ୍ପୁଆ ରେଞ୍ଜ ଅଫିସ ଘେରାଉ କରିଥିବା ବେଳେ ଖୁବ ଶୀଘ୍ର ହାତୀଙ୍କୁ ଘଉଡ଼େଇବାକୁ ଚମ୍ପୁଆ ରେଞ୍ଜର ପ୍ରତିଶୃତି ଦେଇ ଥିବା ଜଣା ପଡିଛି ।

# ଇପିଏଫ୍ ପେନସନ୍‌ଭୋଗୀଙ୍କ ଦେଶବ୍ୟାପୀ ପ୍ରତିବାଦ ଦିବସ ନଭେମ୍ବର ୧୬ରେ




ବାଲେଶ୍ୱର, ୦୯/୧୧ (ନି.ପ୍ର): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଆହ୍ୱାନକ୍ରମେ ଚଳିତ ନଭେମ୍ବର ମାସ ୧୬ ତାରିଖ, ଗୁରୁବାର ଦିନ ରାଜ୍ୟବ୍ୟାପୀ ଦାବି ଦିବସ ପାଳନ ହେବ। ବାଲେଶ୍ୱର ଜିଲ୍ଲା କମିଟିର ବୈଠକ ବୁଧବାର ଦିନ ପୂର୍ବାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇ ଏହି ପ୍ରତିବାଦ ଦିବସକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଇଂ. ଅନାଦି ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ ଗତ ୧୯୯୫ ମସିହାରୁ ଇପିଏଫ୍ ପେନସନ୍ ଦେବା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଏହା ଦ୍ୱାରା ଅବସରପ୍ରାପ୍ତ କର୍ମଚାରୀମାନେ ମାସିକ ସ୍ୱଳ୍ପ ପେନସନ୍‌ରେ ଚଳିବା କଷ୍ଟକର ହେଉଛି ବୋଲି କହିଥିଲେ। ତେଣୁ ଦେଶବ୍ୟାପୀ ପ୍ରାୟ ୭୦ ଲକ୍ଷ ଇପିଏଫ୍ ପେନସନ୍‌ଭୋଗୀ ବହୁ ଦୁଃଖକଷ୍ଟରେ କାଳାତିପାତ କରୁଥିବାର ଶ୍ରୀ ପାଣିଗ୍ରାହୀ କହିଥିଲେ। ସର୍ବନିମ୍ନ ମାସିକ ପେନସନ୍ ନଅ ହଜାର ଟଙ୍କା, ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ୍, ମହଙ୍ଗା ଭତ୍ତା ଓ ସରକାରୀ ଚିକିତ୍ସା ବୀମା ପ୍ରଦାନ ଦାବିରେ ଦେଶବ୍ୟାପୀ ପ୍ରତିବର୍ଷ ନଭେମ୍ବର ୧୬ ତାରିଖକୁ 'ଦାବି ଦିବସ' ଭାବେ ପେନସନ୍‌ଭୋଗୀ କର୍ମଚାରୀମାନେ ପାଳନ କରିଆସୁଛନ୍ତି। ଉକ୍ତ ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ବାଲେଶ୍ୱର ଜିଲ୍ଲାର ସମସ୍ତ ଇପିଏଫ୍ ପେନସନ୍‌ଭୋଗୀ ତଥା ଆସୋସିଏସନ୍‌ର ସଭ୍ୟ ଓ ସଭ୍ୟାମାନେ ଦିନ ୧୦ଟା ସୁଦ୍ଧା ଜିଲ୍ଲାପାଳଙ୍କ ଫାଟକ ନିକଟରେ ପହଞ୍ଚିବାକୁ ବୈଠକରେ ଅନୁରୋଧ କରାଯାଇଛି। ଆସନ୍ତା ଡିସେମ୍ବର ୧୨ ଓ ୧୩ ତାରିଖରେ ଦିଲ୍ଲୀ ସମାବେଶରେ ଯୋଗ ଦେବାକୁ ପ୍ରତିନିଧି ମନୋନୟନ କରାଯାଇଛି। ବୈଠକରେ କୋଷାଧକ୍ଷ ଜଳଧର ପଣ୍ଡା ଆୟବ୍ୟୟର ହିସାବ ଆଗତ କରିଥିଲେ। ଆସୋସିଏସନ୍‌ର ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ସମସ୍ତ କର୍ମକର୍ତ୍ତା ଆଞ୍ଚଳିକ ସ୍ତରରେ ଉଦ୍ୟମ କରିବାକୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଇଂ. ହିମାଦ୍ରିଶେଖର ରାୟ, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ଭୂପତି ଭୂଷଣ ଦାସ, ପରମେଶ୍ୱର ପାତ୍ର, ହରେକୃଷ୍ଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଜଗନ୍ନାଥ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନ୍ମଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଦାବି ନେଇ ବିଇଓ ଅଫିସ ଘେରିଲା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ

ନୂଆପଡ଼ା, ୦୯/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡ଼ା ତରଫରୁ ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ତାଲା ବନ୍ଦ ସହ ଗେଟ୍ ସାମନାରେ ଧାରଣା ଦିଆଯାଇଛି। ସଂଘର ଦାବି ହେଲା ବୋଡ଼େନ ବ୍ଲକରେ ଶିକ୍ଷକ ଅଭାବ ରହିଥିବା ବେଳେ ଉଦ୍ଦେଶ୍ୟ ମୂଳକ ଭାବରେ ଶିକ୍ଷକ ସୁରେଶ ଦୀପଙ୍କ ସମେତ ଆଉ ଚାରିଜଣଙ୍କୁ ନିଲମ୍ବିତ କରାଯାଇଛି, ସେମାନଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରି ପୁନଃ ନିଯୁକ୍ତି ଦିଆଯାଉ। ଅବସର ନେଇଥିବା ୧୬ଜଣ ଶିକ୍ଷକଙ୍କୁ ପେନସନ ମିଳୁନାହିଁ, ଯଥାଶୀଘ୍ର ସେମାନଙ୍କୁ ପେନସନ ଦିଆଯାଉ। ଦଶ ଜଣ ଶିକ୍ଷକ ପରିବାର ଥଇଥାନ ପାଇବା ନେଇ ଆବେଦନ ପଡ଼ି ରହିଛି, ସେନେଇ ତୁରନ୍ତ ପଦକ୍ଷେପ ନିଆଯାଉ। ବୋଡ଼େନ ବ୍ଲକରେ ୧୭୧ଟି ବିଦ୍ୟାଳୟ ଥିବା ବେଳେ ୩୨୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି ଓ ୧୪୯ ଶିକ୍ଷକ ପଦବୀ ଖାଲି ପଡ଼ିଛି (ଏହା ଭିତରେ ୫୪ଜଣ ବିଜ୍ଞାନ ଶିକ୍ଷକ)। ଏସବୁ ଖାଲି ପଦବୀ ଶୀଘ୍ର ପୂରଣ କରାଯାଉ। ସେହିପରି ମାଓ ଅଧ୍ୟୁଷିତ ପାଟଧରା ଅଞ୍ଚଳକୁ ଶିକ୍ଷକ ମାନେ ଯାଉ ନଥିବାରୁ ସେ ଅଞ୍ଚଳରେ ପାଠ ପଢା ବ୍ୟାହତ ହେଉଛି, ଏନେଇ ପଦକ୍ଷେପ ନିଆଯାଉ ଆଦି ଦାବି ରହିଛି। ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆଗାମୀ ୧୬ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ବୋଡ଼େନ ଏବିଇଓ ନେପାଳ ଦେଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଏନେଇ ଅବଗତ କରାଯିବ ବୋଲି କହିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ମାଝୀ, ଜିଲା ଉପସଭାପତି କମଲେଶ ସିଂହ ଠାକୁର, ନୂଆପଡ଼ା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଜଗନ୍ନାଥ ମାଝୀ, ରମେଶ ସାହୁ, ବିଶେଶ୍ୱର ଧରୁଆ, ବାମନ ମାଝୀ, ହେମଧର ମାଝୀ, ସୁଧାକର ମାଝୀ, ଇନ୍ଦ୍ରମଣି ମାଝୀ, ଧନମତ ମାଝୀଙ୍କ ସମେତ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ସୁପର ଫୁଡର ପୁଷ୍ଟିଶସ୍ୟ : ଓଡ଼ିଶା...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି। ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ମୋ : ୯୪୩୭୬୬୬୪୫୩

## ଡିସେମ୍ବର ୨୫ରେ ଲୋକାର୍ପଣ ହେବ ବରଗଡର ଗଙ୍ଗାଧର ଜଳସେଚନ ପ୍ରକଳ୍ପ

ଭୁବନେଶ୍ୱର, ୯/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ ପ୍ରକଳ୍ପ ଭାବେ ପରିଚିତ ବରଗଡ ଜିଲ୍ଲାର ଗଙ୍ଗାଧର ସେଚ ପ୍ରକଳ୍ପ ଆସନ୍ତା ଡିସେମ୍ବର ୧୫ ତାରିଖ ସୁଦ୍ଧା ସଂପୂର୍ଣ୍ଣ ହେବାକୁ ଯାଉଛି। ପାଇପ ଲାଇନ ଜଳସେଚନରେ ଏହା ଦେଶର ସର୍ବବୃହତ ପ୍ରକଳ୍ପ ଭାବେ ଉଭା ହେବାକୁ ଯାଉଛି। ତେବେ, ଆସନ୍ତା ୨୫ ତାରିଖ ପରେ ମୁଖ୍ୟମନ୍ତ୍ରୀଙ୍କ ହାତରେ ଏହାର ଲୋକାର୍ପଣ କରିବାକୁ ଜଳସେଚନ ବିଭାଗ ରାଜ୍ୟ ସରକାରଙ୍କ ଅନୁମତି ଲୋଡିଛି। ଏହି ବୃହତ ପ୍ରକଳ୍ପ ଦ୍ୱାରା ବରଗଡ ଜିଲ୍ଲାର ୪ ବ୍ଲକର ୨୫ ହଜାର ୬ ଶହ ହେକ୍ଟର ଜମି ଜଳସେଚିତ ହେବାକୁ ଯାଉଥିବା ବେଳେ ରବି ଋତୁରୁ ଏହାର ଜଳସେଚନ ଆରମ୍ଭ ହେବ ବୋଲି ହୀରାକୁଦ ମୁଖ୍ୟବନ୍ଧ ବିଭାଗ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏଥିପାଇଁ ଇତିମଧ୍ୟରେ ଏହି ପ୍ରକଳ୍ପରୁ ଜଳସେଚିତ ହେବାକୁ ଥିବା ୧୩ ହଜାର ହେକ୍ଟର ଜମିର ପରୀକ୍ଷଣ ମଧ୍ୟ ଶେଷ ହୋଇଛି। ଏହି ସୂଚନା ମିଳିବା ପରେ ବର୍ତ୍ତମାନ ସମଗ୍ର ବରଗଡ ଜିଲ୍ଲାର ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନଭେମ୍ବରରେ...

ଜଗତସିଂହପୁର, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର ଓ କେନ୍ଦୁଝର ପ୍ରଭୃତି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦ୍ରୀୟ ଭାରତରେ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ରାତିର ତାପମାତ୍ରା ହ୍ରାସ ପାଇବ ଓ ଦିନର ତାପମାତ୍ରା ବୃଦ୍ଧି ପାଇବ । ନଭେମ୍ବର ୧୩ ତାରିଖରୁ ରାତିର ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି।

### କୋଟିପତି ଅଧୀକ୍ଷଣ...

ଭଦ୍ରକରେ ୨ଟି ପ୍ଲଟ୍ ମଧ୍ୟ ଠାବ କରାଯାଇଥିଲା। ଏହାଛଡ଼ା ୨କୋଟିରୁ ଅଧିକ ଟଙ୍କାରୁ ଉର୍ଦ୍ଧ୍ୱ ଜମା ଥିବା ତାଙ୍କର ବିଭିନ୍ନ ବ୍ୟାଙ୍କ୍‌ରେ ଥିବା ଏକାଧିକ ଆକାଉଂଟ ଓ ଇନ୍‌ସ୍ୟୁରାନ୍ସକୁ ଠାବ କରାଯାଇଛି।ଏହା ବ୍ୟତୀତ ଘରୁ ନଗଦ ୨ଲକ୍ଷ ୧୬ହାଜର ଟଙ୍କା, ୪୨୧ ଗ୍ରାମ ସୁନାଗହଣା ମିଳିଥିବା ବେଳେ ସେଥିରୁ ୨୬୯ଗ୍ରାମ ଲକରରୁ ମିଳିଥିଲା। ଦାମୀ ଆସବାବପତ୍ର ମଧ୍ୟ ଜବତ କରାଯାଇଥିଲା। ଗୋଟିଏ ଚାରିଚକିଆ, ୪ଟି ଦୁଇଚକିଆ ଗାଡ଼ି ମଧ୍ୟ ଠାବ ହୋଇଥିଲା।

### ମାଓବାଦୀଙ୍କ ଅସ୍ତ୍ର ...

ନକ୍ସଲ ଏଠାରୁ ନିଜ ଆତଙ୍କୀ କାର୍ଯ୍ୟକଳାପ ଅପରେଟ କରୁଥିବା ସଂଦେହ କରାଯାଉଛି । ନକ୍ସଲ ବିରୋଧୀ ଅପରେସନ ବେଳେ ତୁଳସୀ ପାହାଡ଼ରେ ଥିବା ଗୁମ୍ଫାରୁ ଟିଫିନ ବୋମା, ଗ୍ରେନେଡ୍, ୱାକିଟକି ଓ ବିପୁଳ ପରିମାଣର ନକ୍ସଲ ପୁସ୍ତିକା ଜବତ ହୋଇଛି । ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବାକୁ ନକ୍ସଲ ରଚିଥିବା ଯୋଜନାକୁ ବିଏସଏଫ ପଣ୍ଡ କରିଛି । ଆଖପାଖ ଅଞ୍ଚଳରେ ନକ୍ସଲ ଓ ଆହୁରି ଅସ୍ତ୍ରଶସ୍ତ୍ର ଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

### ସଂସଦରେ ପ୍ରଶ୍ନ ପାଇଁ ଲାଞ୍ଚ ...

କମିଟି କହିଛି ଯେ, ମହୁଆ ମୋଇତ୍ର 'ଅନଧିକୃତ ବ୍ୟକ୍ତିଙ୍କ' ସହିତ ୟୁଜର୍ ଆଇଡି ଶେଆର୍ କରିଛନ୍ତି, ବ୍ୟବସାୟୀ ଦର୍ଶନ ହିରାନନ୍ଦାନୀଙ୍କଠାରୁ ନଗଦ ଟଙ୍କା ଏବଂ ସୁବିଧା ନେଇଛନ୍ତି। ଏହା ଗୁରୁତର ଅପରାଧ, ଏଥିପାଇଁ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି ଏଥିକ୍ସ କମିଟି। ସୂଚନା ଅନୁସାରେ, ଗୌତମ ଆଦାନୀ ମାମଲାରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପାଇଁ ମହୁଆ ଲାଞ୍ଚ ନେଇଥିବା ଅଭିଯୋଗ କରାଯାଇଥିଲା। ଏଥିପାଇଁ ସେ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ସହାଯ୍ୟ ନେଉଥିଲେ। ମହୁଆ ନିଜର ସଂସଦ ଆକାଉଣ୍ଟର ଲଗ୍-ଇନ୍ ଆଇଡି ଏବଂ ପାସୱାର୍ଡକୁ ହୀରାନନ୍ଦାନୀଙ୍କୁ ଦେବା ସହ ତାଙ୍କଠାରୁ ନଗତ ଟଙ୍କା ଏବଂ ଅନ୍ୟାନ୍ୟ ସୁବିଧା ପାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଏଥିକ୍ସ କମିଟି ମହୁଆଙ୍କୁ ଜେରା ପାଇଁ ନୋଟିସ୍ ପଠାଥିଲା। ଜେରା ସମୟରେ ହଙ୍ଗାମା କରି ସେଠାରୁ ପଳାଇ ଆସିଥିଲେ ମହୁଆ। ଗତକାଲି ଦୁର୍ନୀତି ନିବାରଣ ପ୍ୟାନେଲ ଏହି ମାମଲାରେ ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବର୍ତ୍ତମାନ ଏଥିକ୍ସ କମିଟି ସଦସ୍ୟତା ପଦ ରଦ୍ଦ ପାଇଁ ସୁପାରିସ୍ କରିଛନ୍ତି। ତେବେ ଆଗକୁ ମହୁଆଙ୍କ ବିବାଦ କେଉଁ ମୋଡ ନେଉଛି ତା' ଉପରେ ସମସ୍ତଙ୍କ ନଜର।

## ଭଦ୍ରକ ଜିଲ୍ଲା ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ଭଦ୍ରକ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ , ୯/୧୧ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା-୨୦୨୩ ପ୍ରଶ୍ନପତ୍ରର ୧ ନମ୍ବର ଅନୁଚ୍ଛେଦ ପ୍ରଶ୍ନରେ ଭାରତ ବର୍ଷରେ ରାମରାଜ୍ୟ ହେଉଛି କାଳ୍ପନିକ, କଳ୍ପକଳ୍ପିତ ମିଥ୍ୟା, ଏହାର କୌଣସି ସତ୍ୟା ସତ୍ୟ ନାହିଁ ବୋଲି ଉଲ୍ଲେଖ କରାଯାଇଛଇ । ଯାହା ହିନ୍ଦୁମାନଙ୍କର ଆରାଧ ଦେବତା ରାମଚନ୍ଦ୍ରଙ୍କ ପ୍ରତି ଅପମାନ ଏବଂ ଭାରତୀୟ ସଂସ୍କୃତି ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର। ଆଜି ଏହା ବିରୁଦ୍ଧରେ ଭଦ୍ରକ ଜିଲ୍ଲା ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା ଏବଂ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଓଡ଼ିଶା ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଭଦ୍ରକ ଜଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ହିନ୍ଦୁ ଜାଗରଣ ମଞ୍ଚ ଦାବି କରିଛି। ଉକ୍ତ ଦାବିପତ୍ର ପ୍ରଦାନବେଳେ ଭଦ୍ରକ ଜିଲ୍ଲା ହିନ୍ଦୁ ଜାଗରଣ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ରାଜଭବନରେ ଉତ୍ତରାଖଣ୍ଡ ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର , ୯/୧୧ (ନି.ପ୍ର): ଅନେକ ବିଭିନ୍ନତା ମଧ୍ୟରେ ଆମ ମୂଳ ପରିଚୟ ହେଉଛି, ଆମେ ସମସ୍ତେ ଭାରତୀୟ। ଏହି ପରିଚୟକୁ ଆହୁରି ସଶକ୍ତ ଓ ପ୍ରତିଷ୍ଠିତ କରିବାକୁ ପ୍ରତ୍ୟେକ ନିଜ ନିଜ ସ୍ତରରେ ପ୍ରୟାସ କରିବା ହିଁ 'ଏକ ଭାରତ – ଶ୍ରେଷ୍ଠ ଭାରତ'ର ଆଧାର ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ଉତରାଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ କହିଲେ ଯେ, ଆମର ଭାଷା ଅନେକ, କିନ୍ତୁ ଭାବ ଏକ। ଏହି ଭାବ ଓ ଭାବନା ଆମକୁ ଏକତାର ରଜ୍ଜୁରେ ବାନ୍ଧି ରଖିଛି। ଉତରାଖଣ୍ଡ ଦେବ ଭୂମି ଭାବରେ ଖ୍ୟାତ। ଆମର ସାଂସ୍କୃତିକ ଓ ଭାବଗତ ପରିଚିତିକୁ ପରିପୁଷ୍ଟ କରିଛି ଉତରାଖଣ୍ଡ। ଭାରତୀୟତାର ଅନୁଚିନ୍ତା ଓ ଆଦର୍ଶକୁ ଅନୁପାଳନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଏଭଳି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

## ବିଧବାଙ୍କୁ ଆଡ଼ ଆଖି: ସାମାଜିକ ସୁରକ୍ଷାରୁ ବଂଚିତ ମା' ଓ ଝିଅ



ଉଦଳା , ୯/୧୧ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ରାଇକାଳି ଗ୍ରାମର ଦୃଶ୍ୟ। ଏହି ଗ୍ରାମରେ ବାସ କରୁଥିବା ହିରା ମାର୍ଣ୍ଡି ଓ ତାଙ୍କର କନ୍ୟା ଛିତା ହାଁସଦା ଉଭୟେ ବିଧବା ଅଟନ୍ତି। ହିରାଙ୍କୁ ବର୍ତମାନ ବୟସ ୭୦ ଛୁଇଁଥିବା ବେଳେ ଛିତାଙ୍କୁ ୩୫ ଛୁଇଁଲା। ସରକାରଙ୍କ ତରଫରୁ ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଉଥିବା ଭତା ପାଇବାରୁ ଉଭୟେ ମା' ଓ ଝିଅ ବଂଚିତ ଅଛନ୍ତି। ହିରାଙ୍କର କହିବାନୁସାରେ ତାଙ୍କର ସ୍ୱାମୀ କାହ୍ନୁ ମାର୍ଣ୍ଡିଙ୍କର ଆଜକୁ ୨୦ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ସ୍ୱାମିଙ୍କର ଦେହାନ୍ତ ପରେ ସେ କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଠାରେ ନିଜର ବାପ ଘରେ ଆଶ୍ରୟ ନେଇଥିଲେ। ସେଠାରେ ଥିବା ନିକଟସ୍ଥ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ତାଙ୍କୁ ସେ ସମୟରେ ଭତା ପ୍ରଦାନ କରୁଥିଲା। ପରେ ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ନିଜ ଝିଅ ଘର ରାଇକାଳିକୁ ପଳାଇ ଆସିଲେ ଓ ଏଠାରେ ସ୍ଥାୟୀ ଭାବରେ ରହିଗଲେ। ଏତିକି ବେଳେ ଶରତ ଗ୍ରାମପଂଚାୟତ କାର୍ଯ୍ୟାଳୟ ଏଣିକି ତୁମକୁ ବଡ଼ଖମଣରୁ ଭତା ମିଳିବ ବୋଲି କହି ସେଠାରୁ ଭତା କାଟିଦେଲେ । ସେହିପରି ବଡ଼ଖମଣ ପଂଚାୟତ ତୁମକୁ ପୁର୍ବ ପରି ଶରତରୁ ଭତା ମିଳିବ ବୋଲି କହି ଫେରାଇଦେଲେ। ଏହିଭଳି ଆଜକୁ ୭ ବର୍ଷ ବିତିଗଲା, ହିରା ଭତା ପାଇବାରୁ ବଂଚିତ ଅଛନ୍ତି। ସେହିପରି ଛିତା ହାଁସଦାଙ୍କ ସ୍ୱାମୀ ଈଶ୍ୱର ହାଁସଦାଙ୍କର ଆଜକୁ ୫ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି। ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ବାରମ୍ବାର ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ କୌଣସି ସୁଫଳ ମିଳିନଥିବାର ଜଣାଇଛନ୍ତି । ଏପରିକି ବର୍ତମାନ ଉଭୟ ମା' ଓ ଝିଅ ଗୋଟିଏ ଘରେ ରହୁଥିବାରୁ ତାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳୁ ବୋଲି ବାରମ୍ବାର ଗୁହାରି କରିଛନ୍ତି। କିନ୍ତୁ କାର୍ଯ୍ୟରତ ସରକାରୀ ବାବୁ ମାନେ ଆଦୌ କର୍ଣ୍ଣପାତ କରିନଥିବାର ଅଭିଯୋଗ କରିଛନ୍ତି । କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବାନ୍ଦନା ପରବ ପାଇଁ କୁଡୁମୀ ପୁରପଲ୍ଲୀ ଚଳଚଞ୍ଚଳ



ବଡ଼ସାହି, ୯/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ । ଏଠି ଆଦିମ ସଂସ୍କୃତିକୁ ଉଜ୍ଜିବିତ କରିବା ପାଇଁ ବାର ମାସରେ ତେର ପରବ ଅନୁଷ୍ଠିତ ହୋଇ ଥାଏ । ପ୍ରକୃତି ଓ କୃଷିଭିତ୍ତିକ ବାନ୍ଦନା ପରବ ପାଇଁ କୁଡୁମୀ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। କାର୍ତ୍ତିକ ଅମାବାସ୍ୟାରେ କୁଡୁମୀ ସମେତ ହଳ ମିତାନ୍ ଓ କୁମ୍ଭକାର ସଂସ୍କୃତିର ଅନ୍ୟ ଆଦିବାସୀ ମଧ୍ୟ ବାନ୍ଦନା ପରବ ପାଳନ କରିଥାନ୍ତି। ଏହି ପର୍ବରେ କୁଡ଼ମାଳି ଭାଷାରେ ଲୋକ ସଙ୍ଗୀତ ଗାନ କରି ଘର ଘର ଧେଙ୍ଗୁଆନ୍ ବୁଲା ଯାଇଥାଏ । ଏହି ବାନ୍ଦନା ପରବର ପ୍ରସ୍ତୁତି ପାଇଁ ଘରକୁ ମାଟିରେ ଲିପା ପୋଛା କରି ନୂତନ ରଙ୍ଗ ଦେଇଥାନ୍ତି ଏହି ସମ୍ପ୍ରଦାୟର ଲୋକେ। ପ୍ରଥମେ ଘରଗୁଡିକୁ ନୂତନ ରୂପେ ସଜ୍ଜିତ କରି ହାତୀ ଲେଖେନ ବାନ୍ଦନା ପରବକୁ ସ୍ୱାଗତ କରାଯାଇଥାଏ। ବର୍ତ୍ତମାନ ଗ୍ରାମାଞ୍ଚଳର ହାଟରେ ମାଟି ସାମଗ୍ରୀ ଓ ନୂତନ ବସ୍ତ୍ରର ଆସର ଜମିବାରେ ଲାଗିଛି । ମୋଟି ଘରେ ମାଦଳ ଓ ନାଗରା ମରାମତି ହେଉଥିବାରୁ ଧାତିଙ୍ଗ ତିଙ୍ଗ ଶବ୍ଦରେ ଜମୁଛି ଅଞ୍ଚଳ। ଏବେ ଘରଗୁଡ଼ିକ ନୂତନ ରୂପରେ ସଜେଇ ହେଲାଣି। ଏହି ପର୍ବ ବାସ୍ତବରେ ୫ଦିନ ଧରି ପାଳନ ହେଉଥିବାବେଳେ ବ୍ୟସ୍ତଳଟୁଳ ଜୀବନ ଜୀବିକା କାରଣରୁ ମୁଖ୍ୟତଃ ୩ ଦିନଧରି ପାଳନ କରାଯାଇଥାଏ। ପ୍ରଥମ ଦିନରେ ଗୋଠ ପୂଜା, ଦ୍ୱିତୀୟ ଦିନରେ ଗୋହାଳ ପୂଜା ଓ ତୃତୀୟ ଦିନରେ ବୁଢୀ ବାଦନା ଓ ଗୋରୁ ଖୁଣ୍ଟା ଭାବେ ପାଳନ କରାଯାଇଥାଏ । ଏହି ଦିନ ଦଳଦ ଓ ପଣ୍ଡାଙ୍କୁ ଖୁଣ୍ଟରେ ବାନ୍ଧି ନେତୃତ୍ୱ ନେବାର ତାଲିମ ଦିଆଯାଇଥାଏ । ଜଙ୍ଗଲୀ ପଶୁ କବଳରୁ ସୁରକ୍ଷା ପାଇଁ ବାଘ ଚମଡ଼ାରେ ମାଦଳ ଓ ନାଗରା ତଳେ ତାଳେ ନାଚିଥାନ୍ତି । ଏହି ପର୍ବରେ ୯ଟି ପ୍ରାକୃତିକ ଶକ୍ତିକୁ ୯ଟି କୁକୁଡ଼ା ସମର୍ପଣ କରି ଆରାଧନା କରାଯାଇଥାଏ। ନଅଟି ପ୍ରାକୃତିକ ଦେବା ଦେବୀ ଯଥା ଗରାମ୍ ଜାହିର ମାଇଁ, ଧରମ ଦେଉତା, ବସମତା, ଗରୟା, ଗୋସାଇଁ ରାଇ, ବଳ ପାହାଳ, ବାନସିନୀ, କୁଦ୍ରାଓ ବାଘୁତ ଆଦିଙ୍କୁ ଆରାଧନା କରାଯାଇଥାଏ । ଏହି ପର୍ବରେ କୃଷିକାର୍ଯ୍ୟରେ ସହଯୋଗ କରିଥିବା ପଶୁଧନ ଯଥା- ପଣ୍ଡା, ମଇଁଷି, ଗାଈ, ବଳଦ ଏବଂ ଯନ୍ତ୍ରପାତି ଯଥା- ହଳ, ଲଙ୍ଗଳ, ଜୁଆଳି, ମଇ, କୁରୁଡ଼, ଟ୍ରାକ୍ଟର, ପାୱାର ଟିଲର ଆଦିକୁ ବନ୍ଦାପନା ମଧ୍ୟ କରାଯାଇଥାଏ । କୁଡୁମୀ ଦେହୁରୀ ମହତୋ ଗୋଠାନ୍‌ରେ ପୂଜା କରିବାର ସାମାଜିକ ବ୍ୟବସ୍ଥା ରହିଥିବା ବେଳେ ଘରେ ଘରେ ପୂଜା କରିବାର ମଧ୍ୟ ବ୍ୟବସ୍ଥା ରହିଛି। ଏହା ହେଉଛି ସ୍ୱତନ୍ତ୍ର କୁଡ଼ମାଳି ସଂସ୍କୃତିର ବାନ୍ଦନା ପରବର ବୈଶିଷ୍ଟ୍ୟତା।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ଭୁବନେଶ୍ୱର , ୯/୧୧ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଗୁରୁବାର ଦିନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଚତୁର୍ଦ୍ଧା ମୁରତୀଙ୍କ ସମ୍ମୁଖରେ "ସଂକୀର୍ତନ ସତ୍ୟାଗ୍ରହ" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରି ପ୍ରଭୁ ବଳଭଦ୍ର, ମା ଶୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ସୁଦର୍ଶନଙ୍କ ଚତୁର୍ଦ୍ଧା ମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସଂକୀର୍ତନ ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନୀରେ ସାରା ଅଂଚଳ ପ୍ରକମ୍ପିତ ହେଉଥିଲା। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଓ ୪ ଦ୍ୱାର ଖୋଲିବା ଦାବିରେ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ସଂକୀର୍ତନ ସତ୍ୟାଗ୍ରହ କରାଯାଇଛି। ଶରତ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଏ ସରକାର ଅହଂକାର ଓ ଗର୍ବରେ ଫାଟିପଡୁଛି। ଭକ୍ତଙ୍କର କଷ୍ଟ ଦୁର୍ଦ୍ଦଶା ଦେଖି ଏ ସରକାର ଜାଣିସୁଣି ନୀରବ ରହୁଛି। ବେଦାନ୍ତ କମ୍ପାନୀ ଦ୍ୱାରା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅମୃତମଣୋହି ଜମିକୁ ଫେରାଇବା ପାଇଁ ଏ ସରକାର ସାମାନ୍ୟତମ ତତ୍ପରତା ନ ଦେଖାଇବା ଅତି ଆଶ୍ଚର୍ଯ୍ୟାନ୍ୱିତ କଥା। ମହାପ୍ରଭୁ ଜଗନ୍ନାଥ କାହାରି ଗର୍ବ ସହି ନାହାନ୍ତି କି ସହିବେ ନାହିଁ। ଏ ଅହଂକାର ବେଶିଦିନ ରହିବନାହିଁ। ଆଜି କଂଗ୍ରେସ ଦଳ ସାରା ରାଜ୍ୟରେ ପ୍ରତ୍ୟେକ ବ୍ଲକ, ମ୍ୟୁନିସିପାଲିଟି ଓ ଏନଏସିରେ ସଂକୀର୍ତନ ସତ୍ୟାଗ୍ରହ କରାଯାଇଛି। ଯଦି ରାଜ୍ୟ ସରକାର ଆମର ଦାବିକୁ ତୁରନ୍ତ ଗ୍ରହଣନକରନ୍ତି ତାହାହେଲେ ଆସନ୍ତା ଦିନରେ କଂଗ୍ରେସ ରାଜ୍ୟର ଜଗନ୍ନାଥ ପ୍ରେମୀ, ଭକ୍ତ ଓ ଜନସାଧାରଣଙ୍କ ପାଇଁ କଠୋର ପଦକ୍ଷେପ ନେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ଶ୍ରୀମତୀ ପ୍ରତିମା ମଲ୍ଲିକଙ୍କ ସମେତ ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ଅଶୋକ ଦାସ, ରଜତ ଚୌଧୁରୀ, ମୋହନ ଜେନା, ପ୍ରଶାନ୍ତ ଚମ୍ପତି, ଗିତାଞ୍ଜଳି ମହାନ୍ତି, ପ୍ରଣତି ମିଶ୍ର, ଶୁଭଦ୍ରା ମିଶ୍ର, ରଶ୍ମି ମହାପାତ୍ର, ଅକ୍ଷୟ କୁମାର ଦାସ, ତରୁଣ ମିଶ୍ର, ଶ୍ରୀନିବାସ ରାଉତରାୟ, ଯୋଗୀନାଥ ବାହୁବଳେନ୍ଦ୍ର, ଦେଓ ପ୍ରସାଦ ପ୍ରମୁଖ ବହୁ ଜିଲ୍ଲା କଂଗ୍ରେସର ନେତୃବୃନ୍ଦ ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

ଭୁବନେଶ୍ୱର , ୯/୧୧ (ନି.ପ୍ର): ରାଜ୍ୟରେ ମିଲେଟ ମିଶନକୁ ବିଶେଷ ସଫଳତା ମିଳିଥିବାବେଳେ ଅଧିକ ଉପଲବ୍ଧି ନିମନ୍ତେ ଦେଶର ଅନ୍ୟାନ୍ୟ ରାଜ୍ୟ, ଆନ୍ୟାନ୍ୟ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ମତବିନିମୟ କରିଛନ୍ତି । ମିଶନର କାର୍ଯ୍ୟକ୍ରମ ନେଇ ସେମାନେ ମତାମତ ଦେବା ସହିତ ଆବଶ୍ୟକୀୟ ଶିକ୍ଷଣକୁ ଉପଯୋଗ କରିବା ନିମନ୍ତେ ଗୁରୁତ୍ୱ ଦେଇଛନ୍ତି । ଆନ୍ତର୍ଜାତିକ ମିଲେଟ ବର୍ଷ ୨୦୨୩ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଅନୁଷ୍ଠିତ ଏକ ଅଧିବେଶନରେ ପ୍ରତିନିଧିବୃନ୍ଦ ସାମିଲ ହୋଇ ବିଭିନ୍ନ ରାଜ୍ୟ ତଥା ଦେଶରେ କାର୍ଯ୍ୟକାରୀ ହେଉଥିବା ମିଲେଟ ମିଶନ ଯୋଜନା, ସୁଫଳ ଓ ଆହ୍ୱାନ ଇତ୍ୟାଦି ଉପରେ ଆଲୋଚନା କରିଥିଲେ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପନିର୍ଦ୍ଦେଶକ (ଭାରତ) ନୋଜୋମି ହାସିମୋତୋ ଓ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଶୁଭା ଠାକୁରଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ଏହି ମତବିନିମୟ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରତିନିଧିବୃନ୍ଦ, ବିଭିନ୍ନ ଦେଶର ମିଲେଟ ଆମ୍ବାସଡର, ବିଶ୍ୱ ଖାଦ୍ୟ ସଂଗଠନର ପ୍ରତିନିଧିବୃନ୍ଦ ଅଂଶଗ୍ରହଣ କରିଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଆବଶ୍ୟକୀୟ ମାର୍ଗଦର୍ଶନ ଦେଇଥିଲେ ।

## ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସ ପାଇଁ ଏମଓୟୁ, ଖୋଲିବ ୯ଟି ନୂଆ ତାଲିମ ପାଠ୍ୟକ୍ରମ

ଭୁବନେଶ୍ୱର, ୯/୧୧ (ନି.ପ୍ର): ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସର ପରିଚାଳନା ଲାଗି ସିଙ୍ଗାପୁରସ୍ଥିତ ଆଇଟିଇ ଏଜୁକେସନ ସର୍ଭିସେସ୍ (ଆଇଟିଇଇଏସ୍) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସେଠାରେ ୯ଟି ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଦିଆଯିବ। ଏଥିରେ ରହିଛି ହସ୍ପିଟାଲିଟି – ଫୁଡ୍ ଆଣ୍ଡ ବେଭେରେଜ୍ ଅପରେସନସ୍, ହସ୍ପିଟାଲିଟି – ହୋଟେଲ ଅପରେସନସ୍, ଡିଜିଟାଲ ଆନିମେସନ, ହେଲଥ କେୟାର ଆସିଷ୍ଟାଂଟ ଟ୍ରେନିଙ୍ଗ, ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ୍ ମ୍ୟାନେଜମେଂଟ, ଏରୋସ୍ପେସ୍ ଟେକ୍ନୋଲୋଜି, ଏରୋସ୍ପେସ୍ ଆଭିଓନିକ୍ସ, ମେରାଇନ ଇଞ୍ଜିନିୟରିଂ ଏବଂ ନର୍ସିଂ ଆଦି ବିଷୟ।ଗୁରୁବାର ଦିନ ଭୁବନେଶ୍ୱରଠାରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଆଇଟିଇଇଏସର ସିଇଓ ବ୍ରୁସ୍ ପୋହ ଦସ୍ତଖତ କରିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଉପସ୍ଥିତ ଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସ ଖୁବଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ସିଙ୍ଗାପୁରସ୍ଥିତ ଆଇଟିଇଇଏସ୍ ସଂସ୍ଥାର ସହଯୋଗକ୍ରମେ ବିଶ୍ୱ ଦକ୍ଷତା କେନ୍ଦ୍ରର ପାଠ୍ୟକ୍ରମ ଓ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି।


O-1503

**e-Procurement Notice for Road & Buildings Works Identification No. 08/ SERW/JLS/2023-24**

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Road & Buildings |
| 3. Total No. of Works | :- | 25 Nos |
| 4. Estimated Cost | :- | Approx. Estimated Cost ₹.2.52 Lakh to ₹.13.45 Lakh |
| 5. Class of Contractor | :- | 'D' & 'C' Class |
| 6. Time of Completion | :- | Two Calender months ( As per annexure ) |
| 7. Avaliability of tender On-line for bidding | :- | From 17.11.2023 at 11.00 P.M. to 23.11.2023 upto 5.00 P.M. |
| 8. Last date & time of seeking tender clarification | :- | 22.11.2023 upto 5.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -24.11.2023 at 11.00 A.M. |

Further details can be seen from the web site- *www.tendersodisha.gov.in*

Superintending Engineer
R.W.Division, Jaleswar

OIPR: 25051/11/0013/2324

# ମୟୂରଭଞ୍ଜରେ ୬ଷ୍ଠ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ବାରିପଦା , ୯/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ୬ଷ୍ଠ ଜିଲ୍ଲା ପରିଷଦ ବୈଠକ ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୋରଡ଼ା ବିଧାୟକ ରାଜକିଶୋର ଦାସ, ସାରସକଣା ବିଧାୟକ ଡଃ ବୁଧାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ, ନବଚରଣ ମାଝୀ, ଅତିରିକ୍ତ ପ୍ରକଳ୍ପ ପ୍ରଶାସକ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ. ବୈଠକରେ ବିଧାନସଭା ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ବୈଠକ ପରିଚାଳନା କରିଥିବା ବେଳେ, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଜିଲ୍ଲାସ୍ତରୀୟ ଏବଂ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ନିଜ ଅଞ୍ଚଳର ବିଭିନ୍ନ ପ୍ରକାର ସରକାରୀ କାର୍ଯ୍ୟ ମାନଙ୍କର ବିବରଣୀ ପ୍ରଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସମସ୍ତ ଲୋକପ୍ରତିନିଧି ମାନଙ୍କ ସହିତ ଅଧିକାରୀ ମାନେ ସମସ୍ତ କାର୍ଯ୍ୟ ମାନଙ୍କର ପ୍ରଗତି ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ, କୃଷି ଏବଂ ଉଦ୍ୟାନର ଉନ୍ନତିକରଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ନିର୍ମାଣ କାର୍ଯ୍ୟ ପ୍ରଣାଳୀ, ଆଦିବାସୀ କଲ୍ୟାଣ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଉଠାଜଳସେଚନ, ଜଳ ବିଭାଜିକା ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମାନଙ୍କର ଉପାଦେୟତା ବିଷୟରେ ଲୋକ ପ୍ରତିନିଧି ମାନଙ୍କୁ ଅବଗତ କରାଇବା ସହିତ ଆଗକୁ ଅନ୍ୟ ପ୍ରକଳ୍ପ ମାନଙ୍କୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ସରୁନି ଉନ୍ନତିକରଣ କାର୍ଯ୍ୟ: ରାସ୍ତା ପାଲଟିଛି ପାର୍କିଂ ଷ୍ଟାଣ୍ଡ



ନୀଳଗିରୀ , ୯/୧୧ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ଗୋହିରା ଛକ ଠାରୁ ବରହମପୁର ବିନ୍ଧାଣୀ ଛକ ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ରାସ୍ତାର ପ୍ରଶସ୍ତିକରଣ ହେବା ସହିତ ଉନ୍ନତିକରଣ କରାଯାଉଛି । ୭କୋଟି ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋହିରା ଛକଠାରୁ ବରହମପୁର ବିନ୍ଧାଣୀ ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନଜ କାମ ଚାଲୁରହିଛି । ଅକ୍ଟୋବର ୩୧ ତାରିଖ ସୁଦ୍ଧା କାମ ସରିବା ପାଇଁ ବିଜ୍ଞପ୍ତି ହୋଇଥିଲେ ମଧ ଏଯାବତ ମାର୍କେଟର ଅନେକ ସ୍ଥାନରେ ଡ୍ରେନେଜ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି । ଫଳରେ ମାର୍କେଟକୁ ଆସୁଥିବା ଗ୍ରାହକ ମାନେ ଉପାୟ ଶୂନ୍ୟ ହୋଇ ରାସ୍ତାକୁ ନିଜର ପାର୍କିଂ ସ୍ଲଟ ଭାବେ ବ୍ୟବହାର କରୁଛନ୍ତି ।ଯେହେତୁ ପାର୍ବଣର ଋତୁ ଚାଲୁଛି ସେଥିପାଇଁ ସନ୍ଧ୍ୟା ହେଲେ ଭିଡ ସମସ୍ୟା ଉପୁଜିଥିବା ଦେଖାଦେଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଧନ ଜୀବନ ସୁରକ୍ଷିତ ରଖିବାକୁ ଅଞ୍ଚଳବାସୀ ଦାବୀ କରିବା ସହିତ ରାସ୍ତାକାମ ସାରିବାକୁ ନିବେଦନ କରିଛନ୍ତି ।

# ଜୋନ୍ସ୍ତରୀୟ କଳା ଉତ୍ସବ- ୨୦୨୩ ଅନୁଷ୍ଠିତ



ବାଲେଶ୍ୱର, ୯/୧୧ (ନି.ପ୍ର): ନବମରୁ ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା ପ୍ରତିଭାକୁ ଅଧିକ ସୁଦୃଢ଼ କରିବା ପାଇଁ ବାଲେଶ୍ୱର ସଦର ମହକୁମାସ୍ଥିତ ବାଲେଶ୍ୱର ଜିଲ୍ଲା ସ୍କୁଲଠାରେ ଆଜି ଜୋନ୍ ସ୍ତରୀୟ କଳା ଉତ୍ସବ- ୨୦୨୩ ଅନୁଷ୍ଠିତ ହୋଇଯାଇଛି ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ବାଲେଶ୍ୱର ଜୋନ୍ ଅଧୀନରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଧରଣୀଧର ପାତ୍ର ମୁଖ୍ୟ ଅତିଥି ଭାବେଯୋଗ ଦେଇଥିଲେ ଏବଂ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ ଓ ଏଥି ସହିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ବାଲେଶ୍ୱର ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୂର୍ଯ୍ୟ ଶିକ୍ଷା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ବାଳକ ଓ ବାଳିକା ଉଭୟ ବର୍ଗରେ ଶାସ୍ତ୍ରୀୟ ଏବଂ ଲୋକ ସଂଗୀତ, ବାଦ୍ୟଯନ୍ତ୍ର, ଶାସ୍ତ୍ରୀୟ ଏବଂ ଲୋକ ନୃତ୍ୟ, ଭିଜୁଆଲ୍ ଆର୍ଟ, ସ୍ୱଦେଶୀ ଖେଳନା ତିଆରି, ନାଟକ, ଏକକ ଅଭିନୟ ଭଳି ୧୦ଟି ସ୍ପର୍ଦ୍ଧାରେ ଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ ଓ ସଭା ଶେଷରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଶୁଭେଶ ହେଲେ ସାଂସଦଙ୍କ ପ୍ରତିନିଧି

ବସ୍ତା, ୯/୧୧ (ନି.ପ୍ର): ବାଲେଶ୍ୱର ଜିଲାର ସଦର ବ୍ଲକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନୂତନ ପ୍ରତିନିଧି ଭାବେ ବିଜେପିର ବରିଷ୍ଠ ନେତା ଶୁଭେଶ ନାୟକଙ୍କୁ ମନୋନୀତ କରାଯାଇଛି କ୍ଷ ସେ ଏହି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଦଳୀୟ କର୍ମୀ ଓ ନେତୃ ବୃନ୍ଦ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଶୁଭେଶ ପୂର୍ବରୁ କସିପଦା ଓ ରସଲପୁର ପଞ୍ଚାୟତର ସମିତିସଭ୍ୟ ଓ ରସଲପୁର ପଞ୍ଚାୟତର ସରପଞ୍ଚ ଭାବେ ବିଜୟୀ ହୋଇ ଲୋକପ୍ରିୟ ହୋଇପାରିଥିଲେ । ପୂର୍ବରୁ ମଧ ସେ ୫ ବର୍ଷ ବ୍ଲକ ଭାଇସ ଚେୟାରମ୍ୟାନ ଦାୟିତ୍ୱ ନିର୍ବାହ କରି ଜଣେ ରାଜନେତା ଭାବେ ଖ୍ୟାତି ଅର୍ଜନ କରିଥିଲେ ।

# ନୀଳଗିରିରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ: ଜଗନ୍ନାଥ ମହାପ୍ରଭୁଙ୍କ ଚାରିଦ୍ୱାର ଖୋଲିବାକୁ ଦାବି




ନୀଳଗିରି , ୯/୧୧ (ନି.ପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଅଳଙ୍କାର ଗଣତି ସହିତ ବିଭିନ୍ନ ଦାବୀନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ନୀଳଗିରି କଂଗ୍ରେସ ତରଫରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପୂର୍ବାହ୍ନ ୯ଘଟିକା ଠାରୁ ୧୨ଘଟିକା ପର୍ଯ୍ୟନ୍ତ ପ୍ରଦୀପ ପ୍ରଜ୍ୱଳନ ଓ ସଂକୀର୍ତ୍ତନ ମାଧ୍ୟମରେ ସତ୍ୟାଗ୍ରହ କରାଯାଇଥିଲା । ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଂଜନ ପଣ୍ଡାଙ୍କ ନେତୃତ୍ୱରେ ନୀଳଗିରି ରାଣୀସାହିବା ମନୋଜାମଞ୍ଜରୀ ଦେବୀ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନଗର ସଭାପତି ଉପେନ୍ଦ୍ର ବେହେରା, ଔପଦା କଂଗ୍ରେସ ସଭାପତି ଗଦାଧର ପରିଡା, ବିଶ୍ୱନାଥ ଦାସ, ନୀଳଗିରି ଯୁବ କଂଗ୍ରେସ ସଭାପତି ଜୟଦେବ ବେହେରା, ଉପସଭାପତି ସୁଧାରଞ୍ଜନ ମହାପାତ୍ର, ସମ୍ପାଦକ ଡମ୍ବରୁଧର ବେହେରା, ଛାତ୍ର କଂଗ୍ରେସ କମଳ ଲୋଚନ ବେହେରା, ରାହାସ ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ କର୍ମୀ ସତ୍ୟାଗ୍ରହରେ ସାମିଲ ଥିଲେ । ବର୍ତ୍ତମାନ ଦୀର୍ଘଦିନ ଧରି ସିଂହଦ୍ୱାର ଦେଇ ଭକ୍ତମାନେ ମହାପ୍ରଭୁ ମାନଙ୍କ ଦର୍ଶନ କରିଥିବା ବେଳେ ଅନ୍ୟ ତିନିଦ୍ୱାର ଭକ୍ତ ମାନଙ୍କ ପାଇଁ ବନ୍ଦ ରହିଛି । ଯାହାଫଳରେ ବର୍ତ୍ତମାନ କାର୍ତ୍ତିକ ମାସରେ ବହୁ ସଂଖ୍ୟାରେ ଭକ୍ତ ଓ ହବିଷ୍ୟାଳୀ ଦର୍ଶନ କରିବାରେ ବଞ୍ଚିତ ହେଉଛନ୍ତି । ଏଣୁ ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲି ମହାପ୍ରଭୁ ମାନଙ୍କ ଅଳଙ୍କାର ଗଣତି କରିବା, ମଣତି ଓ ଭଣ୍ଡାରଘର ମରାମତି, ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତ ମଣୋହି ଜମି ଓ ଚାଷୀଙ୍କ ଚାଷଜମିକୁ ଫେରସ୍ତ କରିବା ଆଦି ବିଭିନ୍ନ ସମସ୍ୟା ନେଇ ଏହି ସତ୍ୟାଗ୍ରହ କରାଯାଇ ସରକାରଙ୍କ ଠାରେ ଦାବୀ ରଖାଯାଇଛି ।

# ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ବାସୁଦେବପୁର, ୯/୧୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଓ କବି ସତ୍ୟପ୍ରିୟ ମହାନ୍ତିଙ୍କ ବିୟୋଗ ରେ ବାସୁଦେବପୁର ରେ ଶୋକର ଛାୟା ଖେଳି ଯାଇଛି । ଏହି ଅବସରରେ ବାସୁଦେବପୁର ପୌର ପାଳିକାର ରାଧାବଲ୍ଲଭପୁର ନିକଟସ୍ଥ ବାଖରପୁର ଠାରେ ସ୍ୱର୍ଗତ ମହାନ୍ତି ଙ୍କ ବାସ ଭବନରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପହଂଚି ଶେଷ ଦର୍ଶନ କରିଥିଲେ ଓ ଶ୍ରଦ୍ଧାଞ୍ଜଳି ବାଢିଥିଲେ । ସ୍ୱର୍ଗତ ମହାନ୍ତି ବାଲେଶ୍ୱର ସହରରେ ଦୀର୍ଘ ବର୍ଷ ସାମ୍ବାଦିକ କାର୍ଯ୍ୟ କରି ଓଡିଶା ରେ ସୁନାମ ଅର୍ଜନ କରିଥିଲେ । ଅନେକ ସାହିତ୍ୟ ସଭାରେ ସେ ଯୋଗ ଦେଉଥିଲେ ଓ ସୁନ୍ଦର କବିତା ମଧ ଲେଖୁଥିଲେ । ସାହିତ୍ୟ, ସାମାଜିକ ଓ ସେବା ସଂଗଠନ ସ୍ରଷ୍ଟା ଓ ସୃଷ୍ଟିର ସେ ପ୍ରତିଷ୍ଠାତା ଥିଲେ । କବି ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତି ଙ୍କ ପରଲୋକ ରେ କବି ଅଭିମନ୍ୟୁ ବେହେରା, କବି ସୁଧାଂଶୁ ଶେଖର ମିଶ୍ର, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, ବିଜେପି ନେତା ମାଧବାନନ୍ଦ ମଲ୍ଲିକ, ଯୁବ ନେତା ଅଶୋକ ସାହୁ,ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଶିକ୍ଷାବିତ ଦୁଃଶାସନ ରାଉତ, ଭାଗିରଥି ପଲେଇ, କବି ପ୍ରହ୍ଲାଦ ବାରିକ, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ନାରାୟଣ ପ୍ରସାଦ ବାରିକ, ଉଦୟ ଜେନା, ପ୍ରତାପ ପାଢ଼ୀ, ଗୀତିକାର ପିତାମ୍ବର ମିଶ୍ର, କବି ରତ୍ନାକର ପଣ୍ଡା, କବି ରଘୁନାଥ ମହାନ୍ତି, ସମାଜସେବୀ ମାନସ ମହାନ୍ତି, ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ନାରୀ ନେତ୍ରୀ ବନଲତା ଜେନା, ମମତା ଜେନା, ଅଧ୍ୟାପକ ବସନ୍ତ ଦାସ, ଆଡ଼ଭୋକେଟ ସ୍ମୃତି ରଞ୍ଜନ ପଳିତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ସତ୍ୟପ୍ରିୟ ମହାନ୍ତି ଥିଲେ ନିର୍ଭୀକ ସାମ୍ବାଦିକ ଓ ବହୁ ମହତଗୁଣର ଅଧିକାରୀ: ଶୋକାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିଙ୍କ ମତପୋଷଣ




ବାଲେଶ୍ୱର, ୯/୧୧ (ନି.ପ୍ର): ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବାସୁଦେବପୁରଠାରେ ଜନ୍ମିତ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱକାଳ ବାଲେଶ୍ୱର ଜନଜୀବନରେ ଜଣେ ଦକ୍ଷ, ନିର୍ଭୀକ, ଅପ୍ରିୟ ଅଥଚ ସତ୍ୟ ସମ୍ବାଦ ପରିବେଷଣ ସହ ସାହିତ୍ୟ, ସଂସ୍କୃତିକ ଏବଂ ସାମାଜିକ ସଂଗଠନରେ ନିରନ୍ତର ଯୋଗଦାନ ରଖି ଆସୁଥିବା ସାମ୍ବାଦିକ ନିରନ୍ତର ଯୋଗଦାନ ରଖି ଆସୁଥିବା ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କର ଆକସ୍ମିକ ବିୟୋଗ ଗତ ଆଠତାରିଖ ପୂର୍ବାହ୍ନରେ ଘଟିଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଆଜି ସଂଧ୍ୟାର ଶୋକାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତ ପୋଷଣ କରିଛନ୍ତି । ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖାର ସଂପାଦକ କବି କାଳୀପଦ ପଣ୍ଡାଙ୍କ ଆବାହକତ୍ୱରେ ନୃତ୍ୟ-ସଂଗୀତ କଳାମନ୍ଦିର ସଭାଗୃହରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ସହଯୋଗରେ ଅନୁଷ୍ଠିତ ଶୋକାଞ୍ଜଳି ସଭାରେ ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ବାଘାଯତୀନ୍ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ୍ କୁମାର ଦେବ, ଜିଲ୍ଲା ନାରୀ ସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର ଓ ସଂପାଦିକା ଅପୂର୍ଣ୍ଣା ମହାପାତ୍ର, ଜିଲ୍ଲା ପରିଷଦର ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ୍‌ର ପୂର୍ବତନ ଅଧକ୍ଷ ଗୌରୀ ରାଉତ, ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର, ଉତ୍କଳ ସମ୍ମିଳନୀରେ ସଂଗଠନ ସଂପାଦକ କବି ଉତ୍ପଳ କୁମାର ମହାନ୍ତି, ଡ. ରମାକାନ୍ତ ବେହେରା, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ସାମ୍ବାଦିକ ଅମୀୟ ରଂଜନ ମହାନ୍ତି, ଅର୍ଚ୍ଚନା ନନ୍ଦୀ, ଯଶୋଧାରା ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ କୁହ୍ଲାରୀ, ଶ୍ରଦ୍ଧାଞ୍ଜଳି ରାୟ, ଅରୁଣ ଜେନା, ସୁଧାଂଶୁ ଦାସ, ହରେନ୍ ଚନ୍ଦ୍ର ରଣା ପ୍ରମୁଖ ଦିବଂଗତ ସତ୍ୟପ୍ରିୟ ମହାନ୍ତିଙ୍କ ଗୁଣାବଳୀର ବର୍ଣ୍ଣନା କରି ଶୋକାଞ୍ଜଳି ଅର୍ପଣ କରିଥିଲେ । ଏହି ଶୋକାଞ୍ଜଳି ସଭାରେ ଯୋଗ ଦେଇଥିଲେ ସନତ ଦାସ, ଅନସୂୟା ନାୟକ, ସତ୍ୟଜିତ ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ଉପାଧ୍ୟାୟ, ମାନସ ରଥ, ପ୍ରଭାତ ଦାସ, ରତ୍ନାକର ଦାଶ, ରାଜେଶ ଗିରି, ପ୍ରଫୁଲ୍ଲ କୁମାର ଦାସ, ବିଶ୍ୱଜିତ ଦାସ, ବେଣୁଧର ସାହୁ, ବିଜନ କୁମାର ଦେ, ବିଚିତ୍ରାନନ୍ଦ ଦାସ, ତାପସ କୁମାର ସାହୁ, ହେମଲତା ଦାସ, ଅଶ୍ରିତା ତରାଇ, ସରସ୍ୱତୀ ପଣ୍ଡା, କଲ୍ୟାଣୀ ନନ୍ଦ, ବାସନ୍ତୀ ନାୟକ, ଜ୍ୟୋତ୍ସ୍ନା ସେନାପତି, ତୁଷାରକାନ୍ତି ମହାପାତ୍ର, ସନ୍ତୋଷ କୁମାର ସେଠୀ, ଦୀନବନ୍ଧୁ ଲେଙ୍କା, ସୁବ୍ରତୀ ମହାନ୍ତି, ବରୁଣ କୁମାର ଗିରି, ସୁଧାକର ସେଠୀ, ପୁଷ୍ପଲତା ଚକ୍ରବର୍ତ୍ତୀ, ସୁକାନ୍ତି ଦେବ ଗୋସ୍ୱାମୀ ପ୍ରମୁଖ ।

# ଓଡ଼ିଆ କବିତା ପାଠୋତ୍ସବ ଓ 'କୃଷ୍ଣବର୍ଣ୍ଣା ଜହ୍ନ' ଲୋକାର୍ପିତ



ରୂପସା, ୯/୧୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ଗୁରୁବାର ଓଡ଼ିଆ କବିତା ପାଠୋତ୍ସବ ଓ ଇଂରାଜୀ ଅଧ୍ୟାପକ ଚନ୍ଦନ କୁମାର ଦାସଙ୍କ ରଚିତ 'କୃଷ୍ଣବର୍ଣ୍ଣା ଜହ୍ନ' କବିତା ପୁସ୍ତକ ଉନ୍ମୋଚନ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉତ୍ସବରେ ଅଧକ୍ଷ ଡ଼ ତପନ କୁମାର ବେହେରା ଅଧକ୍ଷତା କରି ସାହିତ୍ୟିକ,କବି ଓ ଲେଖକମାନେ ସମାଜର ଶିଳ୍ପୀ ସଦୃଶ ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟ ଅତିଥି ତଥା ସମୀକ୍ଷକ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ଦାସ, ମୁଖ୍ୟ ବକ୍ତା ତଥା ସମୀକ୍ଷକ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ ଓ ସମୃଦ୍ଧ ଦିଗରେ କବି, ଲେଖକଙ୍କ ବଳିଷ୍ଠ ସୃଷ୍ଟି ତଥା ସର୍ଜନା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ପୂର୍ବତନ ଅଧକ୍ଷ ଡ଼ ବଂଶୀଧର ଚୌଧୁରୀ ଯୋଗ ଦେଇ ସାହିତ୍ୟ ସମାଜରେ ସୁଧାର ଆଣିଥାଏ ବୋଲି ବକ୍ତବ୍ୟରେ କହିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ କବି ଚନ୍ଦନ କୁମାର ଦାସ କବିତାର ପୃଷ୍ଠବନ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା କୃଷ୍ଣବର୍ଣ୍ଣା ଜହ୍ନ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା । ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଓଡ଼ିଆ କବିତା ପାଠ କରିଥିଲେ । ସଂସ୍କୃତ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପ୍ରାକ୍ତନ ପ୍ରାଧ୍ୟାପକ ବିଷ୍ଣୁଚରଣ ଦାସ ମହାପାତ୍ର, ପ୍ରାକ୍ତନ ପ୍ରାଧ୍ୟାପିକା ରେଣୁବାଳା ଦାସ, କବି ଶ୍ରୀ ଦାସଙ୍କର ମାତା ବାସନ୍ତୀ ଦାସ, ପିତା ଲକ୍ଷ୍ମୀକାନ୍ତ ଦାସ, ପତ୍ନୀ ଦୀପ୍ତିରାଣୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା , ଛାତ୍ର ଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

# ଲଜ୍ଜା- ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ପରେ ଛୁରାମାଡ

ଭୁବନେଶ୍ୱର, ୯/୧୧ (ନି.ପ୍ର): ନୟାଗଡରେ ଲଜ୍ଜା । ଜଣେ ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ପରେ ଛୁରିମାଡ କଲା ଦୁର୍ବୃତ୍ତ । ମହିଳାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଇଟାମାଟି ଥାନା ଅଂଚଳରେ ଜଣେ ସ୍ୱାମୀ ପରିତ୍ୟକ୍ତା ଏବଂ ମାନସିକ ବିକାରଗ୍ରସ୍ତ ମହିଳା ଗତକାଲି ରାତିରେ ଗାଁ ଦାଣ୍ଡରେ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଶୋଇଥିବାବେଳେ ଗାଁର ପାଣ୍ଡା ନାମକ ଜଣେ ନିଶାଗ୍ରସ୍ତ ଯୁବକ ତାଙ୍କୁ ଦୁଷ୍କର୍ମ କରିବା ସହ ଛୁରା ମାଡ କରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ । ରକ୍ତଜୁଡୁବୁଡୁ ଅବସ୍ଥାରେ ମହିଳା ଜଣକ ପଡିଥିବା ଅବସ୍ଥାରେ ଦେଖି ପରିବାର ଲୋକ ତାଙ୍କୁ ନୟାଗଡ ମେଡିକାଲକୁ ଆଣିଥିଲେ । ଇଟାମାଟି ଥାନାଅଧିକାରୀ ମେଡିକାଲକୁ ଆସି ପୀଡିତା ଏବଂ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଛନ୍ତି ।

# ହସ୍ପିଟାଲ କ୍ୟାଂଟିନ, ୱାଓ ମୋମୋରେ ମିଳିବ ମିଲେଟ୍

ଭୁବନେଶ୍ୱର , ୯/୧୧ (ନି.ପ୍ର): ଏଣିକି ହସ୍ପିଟାଲ କ୍ୟାଂଟିନରେ ମିଳିବ ମିଲେଟ୍ । ସେହିପରି ୱାଓ ମୋମୋରେ ମଧ ମିଳିବ ମିଲେଟ୍ । ଏନେଇ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟର କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ । ସେ କହିଛନ୍ତି ଗତ ବର୍ଷ ୬ ଲକ୍ଷ ମେଟ୍ରିକ ଟନ୍ ମିଲେଟ୍ ସଂଗ୍ରହ କରାଯାଇଛି । ରାଜ୍ୟର ୩୦ ଜିଲ୍ଲାର ୧୭୭ ବ୍ଲକରେ ଏଥର ମିଲେଟ୍ ଚାଷ ହେଇଛି । ଅନ୍ୟପଟେ ରାଜ୍ୟରେ ଅଢେଇ ଲକ୍ଷ ହେକ୍ଟର ଜାଗାରେ ରାଗି ଚାଷ ହେଇଛି । ଆଉ ଦୁଇ ଲକ୍ଷ ଚାଷୀ ଏଥିରେ ଯୋଡି ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ଜନତା ମଇଦାନରେ ଆଜିଠୁ ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିଛନ୍ତି ।ଏହି ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକମାନଙ୍କର ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ୍ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ହେବ । ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀମାନଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେବ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo